

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୨ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 22 SEPTEMBER 2020

Vol.No. 30 ■ No. 240 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,

ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକ

ବାଲେଶ୍ୱର,୨୧।୯(ନି.ପ୍ର): ବିପର୍ଯ୍ୟସ୍ତ ଗୋପାଳଗାଁ ରାସ୍ତା ମରାମତି ଦାବିରେ ବିଜେପି ପକ୍ଷରୁ ଆଜି ଦୀର୍ଘ ସମୟ ଧରି ରାସ୍ତାରୋକ କରାଯାଇଥିଲା । ଭାରତୀୟ ଜନତା ପାର୍ଟିରୁ ଦିବଙ୍ଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ସୁପୁତ୍ର ତଥା ସଦର ବିଜେପି ନିର୍ବାଚନ ମଣ୍ଡଳୀ ସଂଯୋଜକ ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ତଥା ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ବାସିନ୍ଦାମାନେ ଏହି ରାସ୍ତାରୋକରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ଏହି ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ସମେତ ବିଜେପି ପକ୍ଷରୁ ପୌର କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ବି ସେମାନଙ୍କୁ କେବଳ ପ୍ରତିଶ୍ରୁତି ମିଳିଆସୁଥିଲା । ରାସ୍ତା ନବୀକରଣ ପାଇଁ ଟେଣ୍ଡର ହେବାକୁ ମାସ ମାସ ବିତିଗଲା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ରାସ୍ତା କାମ ଆରମ୍ଭ ହୋଇପାରିନାହିଁ ଯାହା ପ୍ରଶାସନର ଉଦାରସୀନତାକୁ ପଦାରେ ପକାଇଛି ବୋଲି ବିଜେପି ନେତାମାନେ ଆରୋପ ଉଠାଇଛନ୍ତି । ଦୀର୍ଘଦିନର ପୁଞ୍ଜିଭୁତ ଅସନ୍ତୋଷ ଆଜି ବିସ୍ଫୋରକ ରୂପ ନେବା ସହ ଲୋକମାନେ ଶେଷରେ ରାସ୍ତାରୋକ ପାଇଁ ନଷ୍ପତି ନେଇଥିବା ସେମାନେ ପ୍ରକାଶ କରିଛନ୍ତି । ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ସିଟି ଲାଇଫ ଛକଠାରେ ରାସ୍ତାରୋକ କରିଥିଲେ । ଟାଣ ଖରାରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସମେତ ସ୍ଥାନୀୟ ବାସିନ୍ଦା ବସିରହି ରାସ୍ତାରୋକ କରିଥିଲେ । ଶେଷରେ ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ୧୦ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ରାସ୍ତାରୋକରୁ ନିବତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ଭୂୟାଁ, ରବିନାରାୟଣ ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା, ସୀତାକାନ୍ତ ସ୍ୱାଇଁ, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଶୁଭଙ୍କର ମହାପାତ୍ର, ସତ୍ୟଜିତ ମିଶ୍ର, ଶିପ୍ରା ବାଜପେୟୀ, ବୈଲୋଚନ ଦାଶ, ବିଭୂପଦ ଦାସ, ରାମଚନ୍ଦ୍ର ସାହୁ, ବିପ୍ଳବ କୁମାର ମହାନ୍ତି, ଲକ୍ଷ୍ମୀଧର ବେହେରା, ବାଦଲ ଅଧିକାରୀ, ବିବେକାନନ୍ଦ ରାଉତ, ରୂପେଶ ପ୍ରଧାନ, ବାବା ମିଶ୍ର, ରିଙ୍କେଶ ପ୍ରଧାନ, ରାକେଶ ପ୍ରଧାନ, ଜ୍ଞାନ ପଣ୍ଡା, ମଣ୍ଟୁ ପେରିଓ୍ୱାଲ, ପ୍ରଦୀପ ପତି, ଉପେନ୍ଦ୍ର ଶତପଥୀ, ଅନନ୍ତ ନାୟକ, ଲୋକନାଥ ଭୂୟାଁ, ଯଯାତି ଦାସ, ମିହିର ପାଣି, ଧୀରଜ ମହାନ୍ତି, ବିକାଶ ପାଢୀ, କାର୍ତ୍ତିକ ରାଉତ, ରାଜେଶ ମହାପାତ୍ର, ମନ୍ମୟ ଦାସ, ନିତିନ ଦାସ, ରଣଜିତ ପ୍ରଧାନ, ମହୁଆ ପ୍ରଧାନ, ସଂଯୁକ୍ତା ମହାପାତ୍ର, ସସ୍ମିତା ଦାଶ, ସସ୍ମିତା ଚାନ୍ଦ, ଶ୍ରୀୟା ଦାସ, ମୃତ୍ୟୁଞ୍ଜୟ ରାୟ ମହାପାତ୍ର, ଅଶୋକ ଦାସ, ତରୁଣ ବର୍ଦ୍ଧନ, ମାଧବାନ୍ଦନ ସାହୁ, ପଙ୍କଜ ପେରିଓ୍ୱାଲ, ଅରୁପ ଜେନା, ଭାଗ୍ୟ ରଞ୍ଜନ ନାୟକ, ପବନ କମିଳା, ସ୍ୱାଧୀନ ପଣ୍ଡା, ଦିଲ୍ଲୀପ ଦାସ, ରାକେଶ ପାଢୀ, ପବନ ସିଂହ, ଅଭୟ ସ୍ୱାଇଁ, ବବଲୁ ମିଶ୍ର, ମୁନା ମହନ୍ତ, ପ୍ରତାପ ପ୍ରଧାନ, ଜିତେନ୍ଦ୍ର ଷଡଙ୍ଗୀ ପ୍ରମୁଖ ଏହି ରାସ୍ତାରୋକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

ଲଘୁଚାପ ପ୍ରଭାବରେ ବର୍ଷା ଜାରି , ୫ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

ଭୁବନେଶ୍ୱର,୨୧।୯ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହେବା ଫଳରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ଜାରି ରହିଛି । କିଛି ସ୍ଥାନରେ ପ୍ରବଳ ବର୍ଷାଯୋଗୁଁ ଜଳବନ୍ଦୀ ଭଳି ସମସ୍ୟା ସୃଷ୍ଟି ହୋଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ନୂଆପଡ଼ା, ନବରଙ୍ଗପୁର, ବରଗଡ଼, ଝାରସୁଗୁଡ଼ା ଓ ବଲାଙ୍ଗୀର ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ୫ଟି ଜିଲ୍ଲାକୁ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ତତ୍ ସଂଲଗ୍ନ ଅଂଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ଉତର-ପଶ୍ଚିମ ଉପକୂଳରେ ଅବସ୍ଥିତ ରହିଛି । ଏଥିସହ ଉତର ଉପକୂଳବର୍ତ୍ତୀ ଓଡ଼ିଶା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଏକ ଘୂର୍ଣ୍ଣିବଳୟ ପ୍ରବାହ ସମୁଦ୍ର ପତନଠାରୁ ୭.୬ କିଲୋମିଟର ଉଚ୍ଚତାରେ ଦକ୍ଷିଣ-ପଶ୍ଚିମ ଦିଗକୁ ବ୍ୟାପିଛି । ଏହା ଆଗାମୀ ୨-୩ ଦିନ ମଧ୍ୟରେ ଏହା ପଶ୍ଚିମ-ଉତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି ।

▶▶ପୃଷ୍ଠା ୭

ପାରାଦୀପ ବନ୍ଦରକୁ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରିବାକୁ ବିଜେଡି ସାଂସଦ ପ୍ରସନ୍ନ ଆଚାର୍ଯ୍ୟ କଲେ ରାଜ୍ୟସଭାରେ ଦାବି

ଭୁବନେଶ୍ୱର,୨୧।୯ (ନି.ପ୍ର): ବିଜେଡି ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଆଜି ରାଜ୍ୟସଭାରେ ପାରାଦୀପ ବନ୍ଦରକୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରିବାକୁ ଦାବି କରିଛନ୍ତି । ରାଜ୍ୟସଭାରେ ଶୂନ୍ୟକାଳରେ ଲିଖିତ ଆକାରରେ ସେ ଏହି ଦାବି କରିଥିବା ଜଣା ପଡିଛି । ଆଜି ଶୂନ୍ୟକାଳରେ ସେ ଦାବି ଜଣାଇଥିଲେ କି ବିଜୁ ପଟ୍ଟନାୟକଙ୍କ ନାମରେ ପାରାଦୀପ ବନ୍ଦର ନାମିତ ହେବା ଉଚିତ୍ । ବିଜୁ ପଟ୍ଟନାୟକଙ୍କ ଧୀନତା ସଂଗ୍ରାମରେ ତାଙ୍କର ଯୋଗଦାନ, ଉଲ୍ଲେଖନୀୟ ନେତୃତ୍ୱ ଏବଂ ତାଙ୍କ ସାହସ ପାଇଁ ଜାତୀୟସ୍ତରରେ ପରିଚିତ । ସେ ପାରାଦୀପ ବନ୍ଦରର ପ୍ରତିଷ୍ଠାତା ଥିଲେ, ଯାହା ଏବେ ଭାରତର ବଡ଼ ବନ୍ଦରମାନଙ୍କ ମଧ୍ୟରେ ପରିଗଣିତ ହୋଇଛି । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନକୁ ଆଖି ଆଗରେ ରଖି ତାଙ୍କ ସ୍ମୃତିରେ ପାରାଦୀପ ବନ୍ଦରକୁ ତାଙ୍କ ନାମରେ ନାମିତ କରି ଏହାର ନାମ ବିଜୁ ପଟ୍ଟନାୟକ ପୋର୍ଟ ଟ୍ରଷ୍ଟ ରଖାଯାଉ ବୋଲି ଦାବି କରିଛନ୍ତି ଶ୍ରୀ ଆଚାର୍ଯ୍ୟ ।

୨୫ରେ ବସିବ ସର୍ବଦଳୀୟ ବୈଠକ : ବାଚସ୍ପତି

ଭୁବନେଶ୍ୱର,୨୧।୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୨୯ ତାରିଖରୁ ଓଡିଶା ବିଧାନସଭାର ମୌସୁମୀ ଅଧିବେଶନ ବସିବାକୁ ଯାଉଥିବା ବେଳେ ଆସନ୍ତା ୨୫ ତାରିଖରେ ସର୍ବଦଳୀୟ ବୈଠକ ହେବ । ଏହି ବୈଠକରେ କୋଭିଡ ମହାମାରୀ ସମୟରେ ବିଧାନସଭା କେମିତି ଚାଲିବ, କଣ ସବୁ ଗାଇଡଲାଇନ୍ ରହିବ ଏବଂ ପ୍ରଶ୍ନକାଳ-ଉତରକାଳ ଓ ଶୂନ୍ୟକାଳ ରହିବ କି ନାହିଁ ବୈଠକରେ ଆଲୋଚନା କରାଯିବ ବୋଲି ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ବାଚସ୍ପତି ଡ. ପାତ୍ର ସୋମବାର ଦିନ ୧୬ ତମ ବିଧାନସଭାର ୪ର୍ଥ ଅଧିବେଶନ ଆରମ୍ଭ ହେବା ପୂର୍ବରୁ କୋଭିଡ୍ ଗାଇଡ୍ ଲାଇନ୍ ପାଇଁ ଗୃହରେ କରାଯାଇଥିବା ସ୍ୱତନ୍ତ୍ର ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ମଧ୍ୟ ଉପସ୍ଥିତ ଥିଲେ । ଉଲ୍ଲେଖ୍ୟଯୋଗ୍ୟ ଯେ ଚଳିତ ଥର ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ବିଧାନସଭାରେ ମୌସୁମୀ ଅଧିବେଶନ ହେବାକୁ ଯାଉଛି । ଏଥିରେ ମୋଟ ୮ ଟି କାର୍ଯ୍ୟ ଦିବସ ରହିଥିବା ବେଳେ ରବିବାର ଦିନ ମଧ୍ୟ ଗୃହ କାର୍ଯ୍ୟ ଚାଲିବ । ତେବେ ଚଳିତ ବର୍ଷ କୋଭିଡ କଟକଣା ମଧ୍ୟରେ ବସୁଛି ରାଜ୍ୟ ବିଧାନସଭା ଅଧିବେଶନ ।

ମହାରାଷ୍ଟ୍ରରେ କୋଠା ଭୁଷୁଡିବା ଘଟଣାରେ ଦୁଃଖ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୧।୯ (ନି.ପ୍ର): ମହାରାଷ୍ଟ୍ରର ଭିଓ୍ୱାଣ୍ଡିରେ କୋଠା ଭୁଶୁଡ଼ିବା ଘଟଣା କୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏ ସମ୍ପର୍କରେ ଟ୍ୱିଟ କରି ସେ କହିଛନ୍ତି ଯେ ମହାରାଷ୍ଟ୍ରର ଭିଓ୍ୱାଣ୍ଡିରେ କୋଠା ଭୁଶୁଡ଼ିବା ଘଟଣା ବିଷୟରେ ଜାଣି ମୁଁ ଦୁଃଖିତ । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଁ ସମବେଦନା ଜଣାଉଛି । ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି । ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ପ୍ରଭାବିତ ଲୋକଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି ।

ଖାକିରେ କଳଙ୍କ !

ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ କନଷ୍ଟେବଳଙ୍କ ଦୁଷ୍କର୍ମ ଅଭିଯୋଗ

ବାଲେଶ୍ୱର,୨୧।୯ (ନି.ପ୍ର): ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ଦୀର୍ଘ ୩ ବର୍ଷ ଧରି ଦୁଷ୍କର୍ମ କରାଯାଇଥିବା ନେଇ ଆଜି ଏସପିଙ୍କ ନିକଟରେ ଅଭିଯୋଗ ହୋଇଛି । ଯୁବତୀ ଜଣକ ମୟୂରଭଞ୍ଜ ଜିଲ୍ଲା ପୁରୁଣା ବାରିପଦା ହୋଇଥିବା ବେଳେ ଯୁବକ କଜଣକ ରେମୁଣା ଥାନାରେ କନଷ୍ଟେବଳ ଥିବା ଜଣାଯାଇଛି । ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଯୁବ କନଷ୍ଟେବଳ ଦୀର୍ଘ ଦିନଧରି ଶାରୀରିକ ସମ୍ପର୍କ ରଖିଥିଲେ । ମାତ୍ର ଏବେ ବିବାହ ପାଇଁ ଜିଦ ଧରିବାରୁ ସେ ଧରାଛୁଆଁ ଦେଉ ନଥିବା ଯୁବତୀ କହିଛନ୍ତି । ଏନେଇ ସେ ରେମୁଣା ଥାନାରେ ଗତ ୨୮ ତାରିଖରେ ଅଭିଯୋଗ କରିଥିଲେ ବି ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ ତାଙ୍କର ଅଭିଯୋଗ ଗ୍ରହଣ କରିବା ବଦଳରେ ତାଙ୍କୁ ଦୁର୍ବ୍ୟବହାର କରି ଥାନାରୁ ଫେରାଇ ଦେଇଥିବା ଯୁବତୀ କହିଛନ୍ତି । ଏମିତି କି ଅଭିଯୁକ୍ତ ଯୁବକଙ୍କ ସପକ୍ଷରେ ଯୁକ୍ତି କରୁଥିବା ମଧ୍ୟ କହିଛନ୍ତି । ଏ ସମ୍ପର୍କରେ କିନ୍ତୁ ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ କହିଛନ୍ତି ଯେ ଏଭଳି ଅଭିଯୋଗ ନେଇ କେହି ତାଙ୍କ ପାଖକୁ ବା ଥାନାକୁ ଆସି ନାହାନ୍ତି । ହେଲେ ଏନେଇ ପୂର୍ବରୁ ଯୁବତୀ ଜଣକ ଏସପିଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ ଫର୍ଦ୍ଦ ଦେଇଥିଲେ ବି ଏସପି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ । ତେବେ ଆଜି ଯୁବତୀ ଜଣକ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଅପେକ୍ଷା କରିଥିଲେ ବି ଏସପିଙ୍କୁ ସାକ୍ଷାତ କରି ଅଭିଯୋଗ ପତ୍ର ଦେଇ ପାରି ନଥିଲେ । ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଏନେଇ ଆଇଜିଙ୍କୁ ଅବଗତ କରାଇବା ପରେ ସ୍ଥିତି ବଦଳି ଯାଇଥିଲା । ଆଇଜିଙ୍କ ସହ ଯୁବତୀ କଥାବାର୍ତ୍ତା ହେବାର କିଛି ସମୟ ପରେ ଏସପିଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଦୌଡ଼ି ଦୌଡ଼ି ଆସି ଅଭିଯୋଗ ନେବା ସହିତ ତାଙ୍କୁ ଡାକିନେଇ ତାଙ୍କ ଅଭିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ । ପରେ ଏନେଇ ଥାନାଧିକାରୀ ଶ୍ରୀ ସାହୁଙ୍କୁ ତାଗିଦା ପରେ ଯୁବତୀ ଜଣକ ସଙ୍ଗେ ସଙ୍ଗେ ରେମୁଣା ଥାନା ଯାଇଥିଲେ ଓ ତାଙ୍କର ମାମଲା ରୁଜୁ ହୋଇଥିଲା ।

କେନ୍ଦ୍ର କ୍ୟାବିନେଟ୍‌ର ୬ଟି ରବି କୃଷିଜାତ ସାମଗ୍ରୀ ଉପରେ ଏମଏସପି ବୃଦ୍ଧିକୁ ମଞ୍ଜୁରି

ଏମଏସପିକୁ ବୃଦ୍ଧି କରି ଚାଷୀଙ୍କ ପାରିଶ୍ରମିକ ମୂଲ୍ୟକୁ ସୁନିଶ୍ଚିତ କରିଛନ୍ତି ମୋଦି ସରକାର - ଧର୍ମେନ୍ଦ୍ର ପ୍ରଧାନ

- ❑ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରକୁ ଧନ୍ୟବାଦ
- ❑ କେନ୍ଦ୍ର ସରକାର ଆଗାମୀ ରବି ଫସଲ ପାଇଁ ଏମଏସପି ବୃଦ୍ଧି କରିଛନ୍ତି
- ❑ ଗହମ ପାଇଁ ଏମଏସପି କ୍ୱିଂଟାଲ ପିଛା ୫୦ ଟଙ୍କା ବୃଦ୍ଧି କରାଯାଇଛି
- ❑ ମୋଦି ସରକାରରେ ଚାଷୀ ମାନଙ୍କୁ ଏମଏସପି ବାବାଦକୁ ୭ ଲକ୍ଷ କୋଟି ଟଙ୍କା ଦିଆଯାଇଛି
- ❑ କୃଷି ବିଲ ଦ୍ୱାରା ମଣ୍ଡି ବ୍ୟବସ୍ଥା ବନ୍ଦ ହେବନାହିଁ ଓ ମଣ୍ଡି ବାହାରେ ମଧ୍ୟ ଚାଷୀମାନେ ନିଜ ଉତ୍ପାଦିତ ସାମଗ୍ରୀକୁ ବିକି ପାରିବେ
- ❑ ଚାଷୀଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀର ଏମଏସପିରେ କୌଣସି ପ୍ରଭାବ ପଡିବ ନାହିଁ ଗ୍ର ମୋଦି ସରକାର କୃଷକଙ୍କୁ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୧।୯ (ନି.ପ୍ର): ସଂସଦରେ କୃଷି ବିଲ୍ ପାରିତ ହେବା ପରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ୬ଟି କୃଷିଜାତ ସାମଗ୍ରୀ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ବୃଦ୍ଧି କରିବା ନେଇ ଅନୁମୋଦନ କରିଛନ୍ତି । ଏ ସଂକ୍ରାନ୍ତୀୟ କ୍ୟାବିନେଟ ନିଷ୍ପତ୍ତିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିବା ସହ ପ୍ରଧାନମନ୍ତ୍ରୀ ମୋଦି ଏବଂ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଧନ୍ୟବାଦ ଦେଇଛନ୍ତି । କେନ୍ଦ୍ର ସରକାର କୃଷିଜାତ ସାମଗ୍ରୀରେ ଏମ୍‌ଏସ୍ ବୃଦ୍ଧି କରି ଚାଷୀଙ୍କ ପାରିଶ୍ରମିକ ମୂଲ୍ୟକୁ ସୁନିଶ୍ଚିତ କରିଛନ୍ତି ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି କେନ୍ଦ୍ର ସରକାର ଆଗାମୀ ରବି ଫସଲ ପାଇଁ ଏମଏସପି ବୃଦ୍ଧି କରିଛନ୍ତି । ଗହମ ପାଇଁ ଏମଏସପି କ୍ୱିଂଟାଲ ପିଛା ୫୦ ଟଙ୍କା ବୃଦ୍ଧି କରାଯାଇଛି । ଏମଏସପି ବୃଦ୍ଧି ପରେ ବର୍ତମାନ ଗହମର ମୂଲ୍ୟ କ୍ୱିଂଟାଲ ପିଛା ହୋଇଛି ୧୯୭୫ ଟଙ୍କା । ସେହି ରି ଚଣା ଡାଲିର ଏମଏସପି ୨୨୫ ଟଙ୍କା ବୃଦ୍ଧି କରାଯାଇଛି । ଫଳରେ ଚଣା ଡାଲି କ୍ୱିଂଟାଲ ପିଛା ଏମଏସପି ୫୧୦୦ ଟଙ୍କା ହୋଇଛି । ମସୁର ଡାଲି ୩୦୦ ଟଙ୍କା କ୍ୱିଂଟାଲ ପିଛା ବୃଦ୍ଧି କରାଯିବା ପରେ ଏହାର ମୂଲ୍ୟ ହୋଇଛି ୫୧୦୦ ଟଙ୍କା । ସୋରିଷ କ୍ୱିଂଟାଲ ପିଛା ୨୨୫ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ଏହାର ମୂଲ୍ୟ ଏବେ ହୋଇଛି ୪୬୫୦ ଟଙ୍କା । ବାର୍ଲି କ୍ୱିଂଟାଲ ପିଛା ୭୫ ଟଙ୍କା ଏମଏସପି ବୃଦ୍ଧି କରାଯାଇଥିବା ବେଳେ ଏବେ ଏହାର ମୂଲ୍ୟ କ୍ୱିଂଟାଲ ପିଛା ହୋଇଛି ୧୬୦୦ ଟଙ୍କା । କୁସୁମ କ୍ୱିଂଟାଲ ପିଛା ୧୧୨ ଟଙ୍କା ବୃଦ୍ଧି ହେବା ପରେ ଏହାର ମୂଲ୍ୟ ୫୩୨୭ ଟଙ୍କା ହୋଇଛି ।

ରାଜ୍ୟରେ ଆଉ ୯ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୭୧୦ ଟପିଲା

ଭୁବନେଶ୍ୱର,୨୧।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୯ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୭୧୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ କେନ୍ଦୁଝର ଓ ନବରଙ୍ଗପୁର ଜିଲ୍ଲାରୁ ୨-୨ ଜଣ, ବାଲେଶ୍ୱର, ଜଗତସିଂହପୁର, କନ୍ଧମାଳ, ଖୋର୍ଧା ଓ ମୟୁରଭଂଜ ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୪୮ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ଜଗତସିଂହପୁର ଜିଲ୍ଲାର ଜଣେ ୩୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କନ୍ଧମାଳ ଜିଲ୍ଲାର ଜଣେ ୫୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । କେନ୍ଦୁଝର ଜିଲ୍ଲାର ଜଣେ ୩୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।



▶▶ପୃଷ୍ଠା ୭

ପଛୁଆବର୍ଗ ପିଲାଙ୍କୁ ନାମଲେଖାରେ ୧୧.୨୫% ସଂରକ୍ଷଣ ଦେବାକୁ ସମାଜବାଦୀ ପାର୍ଟିର ଦାବି

ଭୁ

ସ୍କର୍ପିଓ ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ, ଅଂଚଳରେ ଉତ୍ତେଜନା : ୧୨ ଘଣ୍ଟା ପରେ ଉଠିଲା ଶବ

କନ୍ଧମାଳ,୨୧।୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଅଂଚଳରେ ଥିବା କିରିକୁଟି ଗ୍ରାମ ପଂଚାୟତ ଅଂଚଳରେ ଗୋଟିଏ ବାଇକକୁ ଆଉ ଗୋଟିଏ ସ୍କର୍ପିଓ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ବାଇକରେ ଥିବା ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣ ଘଟାଇଥିବା ସ୍କର୍ପିଓଟି ସେଠାରୁ ଫେରାର ହୋଇଯାଉଥିବାବେଳେ କ.ନୂଆଗାଁ ଥାନା ଅଂଚଳରେ ଥିବା ଗୁଞ୍ଜିବାଡି ଠାରେ ପୋଲିସ ତାକୁ ଗିରଫ କରିଥିବା ଜଣାପଡିଛି । ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ କିରିକୁଟିଠାରେ ଗୋଟିଏ ବାଇକରେ ଦୁଇଜଣ ଯୁବକ ଗୋଟିଏ ବାଇକ୍ ନଂ (ଓଡି-୧୨-ଏ-୨୬୦୭)ରେ ଗୋଟିଏ ଘୁଷୁରୀକୁ ନେଇ ଯାଉଥିବାବେଳେ ସେହି ରାସ୍ତାରେ ଗୋଟିଏ ସ୍କର୍ପିଓ ଗାଡି ଆସି ଡଙ୍ଗେରୀ ଛକଠାରେ ଏହି ବାଇକକୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଉଭୟ ବାଇକ୍ ଆରୋହୀ ଦ୍ୱୟ ପ୍ରାଣ ହରାଇଥିଲେ । ସ୍ଥାନୀୟ ଲୋକେ ସେଠାରେ ପହଂଚି ୧୦୮ ଆମ୍ବୁଲାନ୍ସକୁ ଡାକିବାପରେ ସେଠାରେ ଆମ୍ବୁଲାନ୍ସ ପହଂଚି ଗୋଟିଏ ଶବକୁ ନେବା ସହିତ ଅନ୍ୟ ଶବକୁ ନେବାକୁ ରାଜି ହୋଇ ନଥିଲା । ଫଳରେ ସେଠାରେ ଉତେଜନା ବୃଦ୍ଧି ପାଇଥିଲା । ଖବର ପାଇ ବାଲିଗୁଡା ଉପଖଣ୍ଡ ପୋଲିସ ଅଧିକାରୀ ମାନସ ରଞ୍ଜନ ବାରିକ ଓ ଦାରିଙ୍ଗବାଡି ଥାନା ଅଧିକାରୀ ସେଠାରେ ପହଂଚି ଲୋକଙ୍କୁ ବୁଝାସୁଝା କରିବାରୁ ଉତେଜନା କମିଥିଲା । ଆଜି ଦିନ ୧୨ଟା ସମୟରେ ସେଠାରୁ ମୃତକ ମାନଙ୍କର ଶବକୁ ଉଠାଯାଇଥିଲା । ଦୁର୍ଘଟଣା ଘଟାଇ ସ୍କର୍ପିଓ ଡ୍ରାଇଭର ସେଠାରୁ ଫେରାର ହେଉଥିବାବେଳେ ତାକୁ ଗୁଞ୍ଜିବାଡି ଠାରେ କ.ନୂଆଗାଁ ଥାନା ପୋଲିସ ଅଟକାଇ ଗାଡିକୁ ଅଟକ ରଖିବା ସହିତ ଡ୍ରାଇଭରକୁ ଗିରଫ କରିଥିବା ଜଣାପଡିଛି । ମୃତକ ମାନଙ୍କ ମଧ୍ୟରୁ ଜଣେ କିଡ୍ରାମାଲା ଗ୍ରାମର ପ୍ରକାଶ ପ୍ରଧାନ ଓ ଅନ୍ୟଜଣେ ମିଲୁ ପ୍ରଧାନ ବୋଲି ଜଣାପଡିଛି । ପୋଲିସ ମୃତକ ଦ୍ୱୟଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଥିବା ଜଣାପଡିଛି ।

ପାଳଲହଡ଼ା ବିଧାୟକ କରୋନା ପଜିଟିଭ୍

ଭୁବନେଶ୍ୱର,୨୧।୯ (ନି.ପ୍ର): କୁମାର ପାଳ କରୋନା ସଂକ୍ରମିତ ହୋଇଛନ୍ତି । ବିଧାୟକ ଶ୍ରୀ ପାଳ ସୋସିଆଲ ମିଡିଆ ମାଧ୍ୟମରେ ନିଜେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ମୁଁ ନିଜ ବାସଭବନରେ ଗୃହ ସଂଗରୋଧରେ ଅଛି । ମୁଁ ସଂପୂର୍ଣ୍ଣ ଭାବେ ସୁସ୍ଥ ଅଛି । ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ କରୋନା ନମୁନା ପରୀକ୍ଷା କରିବା ଲାଗି ସେ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ ଯେ ଏପର୍ଯ୍ୟନ୍ତ ରାଜ୍ୟର ବହୁ ବିଧାୟକ କରୋନା ଆକ୍ରାନ୍ତ ହୋଇସାରିଲେଣି । ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଢେଙ୍କାନାଳ ସଦର ବିଧାୟକ ସୁଧୀର କୁମାର ସାମଲ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପାଟଣଗଡ଼ ବିଧାୟକ ସରୋଜ ମେହେର, ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର (ଉତର) ବିଧାୟକ ସୁଶାନ୍ତ ରାଉତ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ବରୀ ବିଧାୟିକା ସୁନନ୍ଦା ଦାସ ସଂକ୍ରମିତ ହୋଇଛନ୍ତି । ସେହିପରି ବରଗଡ଼ ସାଂସଦ ସୁରେଶ ପୂଜାରୀ ,ନବରଙ୍ଗପୁର ସାଂସଦ ରମେଶ ମାଝୀ ଓ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ମଧ୍ୟ କରୋନା ସଂକ୍ରମିତ ହୋଇଥିଲେ ।

ଏମାନଙ୍କ ବ୍ୟତୀତ ରାଜ୍ୟର ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ , ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ରାଜ୍ୟ ଶିଶୁ ଓ ମହିଳା ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ଖାଦ୍ୟ ଯୋଗାଣ, ଉପଭୋକ୍ତା କଲ୍ୟାଣ ତଥା ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ , ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କରୋନା ସଂକ୍ରମିତ ହୋଇଛନ୍ତି ।

ପୋଷ୍ଟରେ ଆସୁଥିବା ଆଧାରକାର୍ଡ ଗ୍ରାହକଙ୍କୁ ମିଳୁନି

ନୂଆପଡା,୨୧।୯ (ନି.ପ୍ର): ନୂଆପଡା ଜିଲ୍ଲାର ବିଭିନ୍ନ ପୋଷ୍ଟ ଅଫିସରେ ଆସୁଥିବା ଆଧାରକାର୍ଡ ଗ୍ରାହକଙ୍କ ପାଖରେ ପହଂଚୁନଥିବା ଅଭିଯୋଗ ହେଉଛି । ସୂଚନାମତେ ରାଜ୍ୟ ଏବଂ କେନ୍ଦ୍ର ସରକାର ପ୍ରାୟ ସବୁକ୍ଷେତ୍ରରେ ଆଧାରକାର୍ଡ ସଂଯୋଗ ବାଧ୍ୟତାମୂଳକ କରିଥିବା ବେଳେ ନୂଆପଡା ଜିଲ୍ଲାରେ ଅନେକ ଲୋକ ଆଧାରକାର୍ଡ ସକାଶେ ଆଧାର କେନ୍ଦ୍ର ମାନଙ୍କୁ ଯାଇ ଲମ୍ବା ଲାଇନ ଲଗାଇ ଆଧାର ନିର୍ମାଣ କରୁଛନ୍ତି । କିନ୍ତୁ ଆଧାର ନିର୍ମାଣର ୧ ମାସ ମଧ୍ୟରେ ଆଧାରକାର୍ଡ ପୋଷ୍ଟ ଅଫିସ ମାଧ୍ୟମରେ ଗ୍ରାହକଙ୍କ ନାମରେ ଆସୁଛି । କିନ୍ତୁ ଅନେକ ପୋଷ୍ଟ ଅଫିସର କର୍ମଚାରୀ ମାନେ ଆଧାରକାର୍ଡ ବଂଟନ କରୁନଥିବା ଅଭିଯୋଗ ହେଉଛି । ଫଳରେ ଗ୍ରାହକ ହଇରାଣ ହରକତରେ ପଡୁଥିବା ବେଳେ ଆଧାରକାର୍ଡ ଜରୁରୀ ଥିବାରୁ ଆଧାର କେନ୍ଦ୍ର ମାନଙ୍କରେ ଦୌଡୁଥିବା ଦେଖିବାକୁ ମିଳିଛି । ଏପରି ଖଡିଆଳ ଅଂଚଳ ଅନେକ ଆଧାର କାର୍ଡଧାରୀ ମାନେ ଆଧାରକାର୍ଡ ପାଇନଥିବା ନେଇ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଗତଦିନରେ ଆଧାରକାର୍ଡ ନଇ, ନାଳ, ଜଙ୍ଗଲ ମାନଙ୍କରେ ପଡି ରହୁଥିବାରୁ ପୋଷ୍ଟ ଅଫିସ ବିଭାଗ ତତ୍ପରତା ଦେଖାଇ ଉପଯୁକ୍ତ ଗ୍ରାହକଙ୍କ ଠାରେ ଆଧାରକାର୍ଡ ପହଂଚାଇବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି ।

କାରରେ ଆଠଗଡ ଅଂଚଳକୁ ଗଞ୍ଜେଇ ଚାଲାଣ ବେଳେ ଟିକାବାଲି ପୋଲିସ ହାବୁଡରେ ଚାଲାଣକାରୀ

୯୦ କିଗ୍ରା ଗଞ୍ଜେଇ ସମେତ କାର ଜବତ, ଜଣେ ଗିରଫ

କନ୍ଧମାଳ,୨୧।୯ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ପୋଲିସ କନ୍ଧମାଳ ଜିଲ୍ଲାରୁ ଚାଲାଣ ହେଉଥିବାବେଳେ ଗୋଟିଏ ଦାମୀ ଡଷ୍ଟର କାର ଭିତରୁ ୯୦ କିଗ୍ରା ଗଞ୍ଜେଇ ଜବତ କରିବା ସହିତ କାରକୁ ଜବତ କରି ଜଣେ ଚାଲାଣକାରୀ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୁଚନା ଅନୁସାରେ ଶନିବାର ଦିନ ଅପରାହ୍ନ ପ୍ରାୟ ଦେଢଟା ବେଳେ ଟିକାଲିରୁ ଚକାପାଦ ଓ ଲାଇନପଡା ଯିବାକୁ ଥିବା ରାସ୍ତାର ଛକଠାରେ ଗୋଟିଏ ଡଷ୍ଟର କାର (ଓଡି-୦୫-ଏଫ୍-୯୫୨୭) ନମ୍ବର ଥିବା କାରରେ ଗଞ୍ଜେଇ ଚାଲାଣ ହେଉଥିବା ପୁର୍ବ ସୁଚନା ଅନୁସାରେ ପୋଲିସ ସେଠାରେ ଅଟକାଇ ଗାଡିର ତଲାସି ନେଇଥିଲା । ସେଥିରୁ ୪ ଟି ଜରି ବସ୍ତାରେ ୯୦ କିଗ୍ରା ଗଞ୍ଜେଇ ବାହାରିଥିଲା । ଗଞ୍ଜେଇ ଓ ଗାଡକୁ ଜବତ କରିବା ସହିତ ଡ୍ରାଇଭର କଟକ ଜିଲ୍ଲା ଆଠଗଡ ଅଂଚଳର ପ୍ରଦୀପ କୁମାର ବେହେରା ନମକ ଜଣେ ଯୁବକଙ୍କୁ ଗିରଫ କରିଛି ପୋଲିସ । ପୋଲିସ ଏହି ସଂକ୍ରାନ୍ତରେ ଏକ ମାମଲା ୫୭/୨୦୨୦ ଏନଡିପିଏସ ଆଇନ ଅନୁସାରେ ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସେ ଏହି ଗଞ୍ଜେଇକୁ ଫିରିଙ୍ଗିଆ ଥାନା ଅନ୍ତର୍ଗତ ବନ୍ଧଗଡରୁ କଟକ ଜିଲ୍ଲା ଆଠଗଡ ଅଂଚଳକୁ ଚାଲାଣ କରୁ ଥିବା ନେଇ ପୋଲିସ ଆଗରେ ପ୍ରକାଶ କରିଥିବା ଟିକାବାଲି ଥାନା ଅଧିକାରୀ ରେବତୀ ଶବର କହିଛନ୍ତି ।

ଶହ ଶହ ବସ୍ତା ସରକାରୀ ଚାଉଳ ଜଙ୍ଗଲରେ ପଚୁଛି, ପ୍ରଶାସନ ଜାଣିପାରୁନି ଚାଉଳ କାହାର

ତଦନ୍ତ କହୁଛି କେନ୍ଦ୍ର ଘୋଷଣା କରିଥିବା ମାଗଣା ଚାଉଳ

ରାଉରକେଲା,୨୧।୯ (ନି.ପ୍ର): ସୁନ୍ଦରଗଡ ଜିଲ୍ଲା ରେ ୭୦୨୮ ରାସନ କାର୍ଡଧାରୀ କରୋନା ସହାୟତା ନନେବା ମାମଲାର ଯାଂଚ୍ ଆରମ୍ଭ ହେବା ପରେ ଏବେ ବଣେଇ ଉପଖଣ୍ଡର କୋଇଡା ଅଂଚଳର ଏକ ଜଙ୍ଗଲରେ ଶହ ଶହ କ୍ୱିଂଟାଲ ସରକାରୀ ଚାଉଳ ଗଦା ହୋଇ ଏକ ପାହାଡ଼ର ଭ୍ରମ ସୃଷ୍ଟି କରିବା ସହ ବର୍ଷାରେ ପଚି ଗନ୍ଧ ହେଉଥିବା ଜଣାପଡିବା ପରେ ଯୋଗାଣ ବିଭାଗର ଆଉ ଏକ ଗୁମର ପଦାକୁ ଆସିଛି । ନିକଟରେ କେନ୍ଦ୍ର ସରକାର ନଭେମ୍ବର ମାସ ଯାଏ ପ୍ରତି ରାସନ କାର୍ଡର ପ୍ରତି ଲୋକ ଲାଗି ମାଗଣା ୫ କେଜି ଲେଖାଏଁ ଯେଉଁ ଚାଉଳ ଦେବାଲାଗି କେନ୍ଦ୍ର ଘୋଷଣା କରିଥିଲେ ତାହା ଏହି ଫୋପଡା ଯାଇଥିବା ଚାଉଳ । ଖବରରୁ ଜଣା ପଡିଛି ଯେ, କୋଇଡାର ସେଗାସାହି ସଂରକ୍ଷିତ ଜଂଗଲରେ ଗତ କିଛି ଦିନ ତଳୁ ଶହ ଶହ କ୍ୱିଂଟାଲ ଚାଉଳ ପଡି ଏକ ପାହାଡର ଭ୍ରମ ସୃଷ୍ଟି କରିବା ସହ ବର୍ଷାରେ ସେହି ଚାଉଳ ପଚି ଦୁର୍ଗନ୍ଧ ହେବାରୁ ଲୋକେ ଏହାକୁ ପଦାକୁ ଆଣିଥିଲେ । ଏହି ଚାଉଳ କାହାର କେଉଁଠାରୁ ଆସିଲା ସେ ନେଇ କୋଇଡା ବିଡିଓ କୌଣସି ସଠିକ ଉତର ରଖିପାରିନଥିବା ବେଳେ ବଣେଇ ଉପଖଣ୍ଡ ଯୋଗାଣ ଅଧିକାରୀ ଧର୍ମପଦ ଦାସ କହିଛନ୍ତି, ଏହା କେଉଁ ଚାଉଳ କିଏ ଆଣିଥିଲା ତାହାର ତଦନ୍ତ ଲାଗି ଏରିଆ ନିରୀକ୍ଷକଙ୍କୁ କୁହାଯାଇଛି । ବର୍ତମାନ ପ୍ରଶ୍ନ ଉଠୁଛି, କେବଳ ବଣେଇ ଏରିଆରେ ଏଭଳି ପୁଳା ପୁଳା ଚାଉଳ ବାହାରୁଛି କାହିଁକି ? ଗତ ଏପ୍ରିଲ ମାସ ୧୦ ତାରିଖରେ ବଣେଇ ଉପଖଣ୍ଡ ଅନ୍ତର୍ଗତ ଲହୁଣିପଡା ବ୍ଲକର ଶଶ୍ୟକଳା ପଟ୍ଟାୟତର ୯୬ ବସ୍ତା ସରକାରୀ ଚାଉଳ ଏକ ଗୋଦାମରୁ ବାହାରିବା ପରେ ସେ ଅଂଚଳ ଯୋଗାଣ ନିରୀକ୍ଷକ ଏକ ମାମଲା ରୁଜୁ କରିଥିବା କଥା ଯୋଗାଣ ଅଧିକାରୀ କହିଛନ୍ତି । ଏହି ଚାଉଳ ମଧ୍ୟ ହରଣ ଚାଳ ହୋଇ ବିକ୍ରୀ କିମ୍ବା ଚାଲାଣ ଲାଗି ରହିଥିଲା ବୋଲି କୁହାଯାଉଛି । ତେବେ ବାରମ୍ବାର ଗୋଟାଏ ଉପଖଣ୍ଡରେ ଏଭଳି ଚାଉଳ ଲୁଟ ପାଟ, ଫୋପଡା ଫୋପଡି ଚାଲିଥିଲେ ବି ବିଭାଗୀୟ ଅଧିକାରୀ ମାନେ କିଛି କାହିଁକି ଜାଣି ପାରୁ ନାହିଁତି ସେନେଇ ଉଠିଛି ପ୍ରଶ୍ନ । ଏଠାରେ ଉଲ୍ଲେଖଯୋଗ୍ୟ, ଏହି ଉପଖଣ୍ଡର ଅଧିକାରୀ ରାଉରକେଲାରେ ଦିର୍ଘ ବର୍ଷ ନିରୀକ୍ଷକ ରହିବା ପରେ ପଦୋନ୍ନତି ପାଇ ସହକାରୀ ଯୋଗାଣ ଅଧିକାରୀ ହୋଇ ବଣେଇରେ ରହିଲେ । ୯୬ ବସ୍ତା ଚୋରା ଚାଉଳ ଏକ ଗୋଦାମରୁ ଲହୁଣିପଡା ଅଂଚଳରୁ ବାହାରିବା ପରେ ଆମ ସରକାର ଏହି ଅଧିକାରୀଙ୍କୁ ରାଉରକେଲାର ପାନପୋଷ ଯୋଗାଣ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ରଖିଲେ, ତାମାନେ ବୁଝିବାକୁ ପଡିବ ତାଙ୍କୁ ଏକ ପ୍ରକାର ପୁରସ୍କାର ମିଳିଲା । ପୁଣି କୋଇଡାରେ ଶହ ଶହ ବସ୍ତା ବସ୍ତା ଚାଉଳ ଜଙ୍ଗଲରେ ପଚୁଥିବା ଖବର ଆସିବା ପରେ ସରକାର ଏହି ଅଧିକାରୀଙ୍କୁ କେଉଁ ପ୍ରମୋସନ ଦେବେ ତାହା ଦେଖିବାର କଥା । ଜଙ୍ଗଲରେ ପଚୁଥିବା ଚାଉଳ ସମ୍ପର୍କରେ ଅନୁସନ୍ଧାନ କରିବାରୁ ଜଣାପଡିଛି ଯେ, ଏହା ନିକଟରେ କେନ୍ଦ୍ର ସରକାର ପ୍ରତି ବ୍ୟକ୍ତି ଲାଗି ନଭେମ୍ବର ଯାଏ ଯେଉଁ ମାଗଣା ୫ କେଜି ଲେଖାଏଁ ଚାଉଳ ଦେବା ଲାଗି ଯେଉଁ ଘୋଷଣା କରି ଚାଉଳ ଦେଇଥିଲେ ତାହା ଏହି ପଚୁଥିବା ଚାଉଳ । ବଣେଇ ଉପଖଣ୍ଡର ଲହୁଣିପଡା, କୋଇଡା, ବଣେଇ ଓ ଗୁରୁଣ୍ଡିଆ ଅଂଚଳର ଏହି ସବୁ ଚାଉଳ ।ଏହି ଅଂଚଳରେ ମୋଟ ୧୭୩୬ ରାସନ କାର୍ଡହିତାଧିକାରୀ ନିକଟରେ କେନ୍ଦ୍ର ସରକାରଙ୍କ ୧୦୦୦ ଟଙ୍କା ଗ୍ରହଣ କରିନଥିଲେ । ସେ ନେଇ ଯାଂଚ ଜିଲ୍ଲା ସ୍ତରରେ ଚାଲିଛି । ତେବେ ଏହି କାର୍ଡ ଧାରୀଙ୍କ ଭିତରେ ଥିବା ପ୍ରାୟ ୫୨୦୦ ଜଣଙ୍କ ଚାଉଳ କୋଟା ସରକାର ଅକ୍ଟୋବର ଯାଏ ଦେଇସାରିଥିବା ବେଳେ, ନଭେମ୍ବର ମାସ କୋଟା ଅସିନି । ତେବେ ଏହି କୋଟା ବାସ୍ତବ ରାସନ କାର୍ଡଧାରୀ ନେଇଥିବା ବେଳେ ନକଲି କାର୍ଡଧାରୀଙ୍କ ଚାଉଳ ଜଙ୍ଗଲରେ ପଚୁଥିବା ଖବର ମିଳିଛି । ଏହାକୁ ନେଇ ଜିଲ୍ଲାପାଳ ତଦନ୍ତ ଆଦେଶ ଦେବା ପରେ କାଳେ ବାବୁ ମାନଙ୍କର ମହତ୍ ଉଦ୍ଦେଶ୍ୟ ପଦାରେ ପଡିଜିବ ତେଣୁ ତାକୁ ଜଙ୍ଗଲକୁ ଫୋପାଡି ଦେଇଥିବାର ଖବର ମିଳିଛି । ଏହି ଘଟଣା ସମ୍ପ୍ରତି ଜିଲ୍ଲାରେ ଚାଂଚଲ୍ୟ ସୃଷ୍ଟି କରିଥିବା ବେଳେ ରାଜ୍ୟ କଂଗ୍ରେସର ପୂର୍ବତନ ସଂପାଦକ ରଶ୍ମୀରଂଜନ ପାଢୀ କହିଛନ୍ତି ଯେ, ବିଭିନ୍ନ ସମୟରେ ଏଭଳି ଅଭିଯୋଗ ଆସୁଛି, କିନ୍ତୁ ସଠିକ୍ ଧାରାରେ ଯେଉଁ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା କଥା ତାହା ହେଉ ନଥିବାରୁ ଏଭଳି କାରବାର ବଢି ଚାଲିଛି ଓ ରାଜ୍ୟ ସରକାରଙ୍କ ସ୍ୱଚ୍ଛତା ଉପରେ ଏହା ପ୍ରଶ୍ନବାଚୀ ଲଗାଉଛି ।

ମା' ହାତୀର ଅକାଳ ବିୟୋଗ

ବାରିପଦା,୨୧।୯ (ନି.ପ୍ର): ମୟୂରଭଂଜ ଜିଲ୍ଲା ଜାମଦା ବ୍ଲକ ଅଧିନ ଗିରୀଆମଯାର ଜଙ୍ଗଲରେ ଦୁଇ ରୁ ତିନି ଦିନ ପୂର୍ବରୁ ଏକ ବୃଦ୍ଧ ମା ହାତୀ ଆସି ଗାଁ ପାଖ ଧାନ ବିଲ ଅଂଚଳରେ ରହୁଥିଲା । ହାତୀଟି ବୟସାଧିକ୍ୟ ହୋଇଥିବାରୁ ଗ୍ରାମବାସୀଙ୍କର କୌଣସି ହାନୀ କରିନାହିଁ। ବନ ବିଭାଗ କର୍ମଚାରୀ ମାନଙ୍କ ଦ୍ୱାରା ତିନି ଦିନ ହେଲା ମା ହାତୀଟିର ଗତି ବିଧି ଉପରେ ନଜର ରଖାଯାଇ ଆସୁଥିଲା । ଫରେଷ୍ଟ ଗାର୍ଡଙ୍କ କହିବା ଅନୁସାରେ ବୟସ୍କ ହାତୀ ମାନଙ୍କର ମୁଣ୍ଡ ଉପରି ଭାଗ ଖାଲ ପଡିଯାଏ ଓ ଶରୀରରୁ ଲୋମ ଉପୁଡିଯାଏ । ମା ହାତୀଟିର ମୃତ୍ୟୁ ପର ଦୃଶ୍ୟ ଠିକ୍ ସେହିପରି ଥିଲା । ହାତୀଟି ଗଳାକାଳିଠାରୁ ଖାଇବା ପିଇବା ବନ୍ଦ କରି ଦେଇଥିଲା । ଆଜି ସକାଳ ସମୟରେ ହାତୀଟି ତଳେ ପଡିଯାଇଥିଲା ଏବଂ ମୃତ୍ୟୁ ବରଣ କରିଥିଲା । ବନ ବିଭାଗ କର୍ମଚାରୀ ମାନେ ମୃତ୍ୟୁର କାରଣ ଜାଣିବା ପାଇଁ ବାରିପଦା ଓ ରାଇରଙ୍ଗପୁର ରୁ ଏକ ଟିମ ଆସୁଥିବାର କହିଛନ୍ତି । ଗାଁ ଲୋକେ ହାତୀଟିର ତିନି ଦିନ ହେଲା ସେବା କରି ଆସୁଥିଲେ । ମା ହାତୀଟିର ମୃତ୍ୟୁ ପରେ ସେହି ଅଂଚଳର ଲୋକମାନେ ଦୁଃଖ ପ୍ରକାଶ କରିଛନ୍ତି ।

ମାଲକାନଗିରିରେ ପ୍ରଥମଥର ପାଇଁ ସିୟୁସିଇଟି ପରୀକ୍ଷା

ମାଲକାନଗିରି,୨୧।୯ (ନି.ପ୍ର): ମାଲକାନଗିରିରେ ପ୍ରଥମ ଥର ପାଇଁ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା ସିୟୁସିଇଟି ଅନୁଷ୍ଠିତ ହୋଇଯାଇଛି । ଏହି ପରୀକ୍ଷା ଦୀର୍ଘ କେତେଦିନ ଧରି ସରକାରୀ ଆଦର୍ଶ ସ୍କାଉଟ ମହାବିଦ୍ୟାଳୟରେ ଆୟୋଜିତ ହୋଇଛି । ଏହି ପରୀକ୍ଷାରେ ପାଂଚଶହ ଜଣ ଛାତ୍ରଛାତ୍ରୀ ନାମାଙ୍କନ କରିଥିଲେ ଏବଂ ତିନି ଶହରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ପରୀକ୍ଷା ଦେବାଲାଗି ଆସିଥିଲେ । ଏହି ରାଷ୍ଟ୍ରୀୟ ପରୀକ୍ଷା ମାଧ୍ୟମରେ ଭାରତର ୧୪ଟି ବିଶ୍ୱ ବିଦ୍ୟାଳୟ ଏବଂ ୪ଟି ରାଜ୍ୟ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ବିଷୟରେ ପାଠ ପଢ଼ିବାର ସୁଯୋଗ ପାଇପାରିବେ । ଭାରତର ୧୪୧ଟି ସହର ଏବଂ ଓଡ଼ିଶାରେ ୧୩ଟି ସହରରେ ଏହି ପରୀକ୍ଷା ଆୟୋଜିତ ହୋଇଛି । କରୋନା ମହାମାରୀକୁ ଦୃଷ୍ଟିରେ ରଖି ସବୁ ପ୍ରକାର ସରକାରୀ ନୀତି ନିୟମକୁ ପାଳନ କରାଯାଉଛି । ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ କେନ୍ଦ୍ରୀୟ ପରୀକ୍ଷା ପରିଚାଳକ ଭାବେ କାର୍ଯ୍ୟରତ ଡ. ଶ୍ରୀଚନ୍ଦନ ମିଶ୍ର ପରୀକ୍ଷାକୁ ସୁଚାରୂ ରୂପେ ନିୟନ୍ତ୍ରଣ କରିଥିଲେ । ଏଥବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର କର୍ତୃପକ୍ଷ ମଧ୍ୟ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ମଧ୍ୟ ସବୁ ପ୍ରକାରର ସହଯୋଗ ଓ ସୁବିଧା ଯୋଗାଇ ଦିଆଯାଇଥିଲା ।

ବିଶ୍ୱବିଦ୍ୟାଳୟ ସ୍ୱାୟତତା ସୁରକ୍ଷା ଦାବିରେ ଏ.ଆଇ.ଡି.ଏସ.ଓର ଅନ୍‌ଲାଇନ କନଭେନସନ

ଭୁବନେଶ୍ୱର,୨୧।୯ (ନି.ପ୍ର): ବିଶ୍ୱବିଦ୍ୟାଳୟ ସ୍ୱାୟତତା ହରଣ ପାଇଁ ଉଦ୍ଦିଷ୍ଟ ଓଡିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧ୍ୟାଦେଶ ୨୦୨୦ ପ୍ରତ୍ୟାହାର ତଥା ବିଶ୍ୱବିଦ୍ୟାଳୟ ସ୍ୱାୟତତା ସୁରକ୍ଷା ଦାବିରେ ଅନଲାଇନ କନଭେନସନ ଏ.ଆଇ.ଡି.ଏସ.ଓ ଉଦ୍ୟୋଗରେ ଅନୁଷ୍ଠିତ ହୋଇଯାଇଛି । ସରକାରୀ ଦଳର ବଶମ୍ବଦମାନଙ୍କୁ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଦେବା ପାଇଁ ଓ.ପି.ଏସ.ଏସି. ଜରିଆରେ ଅଧ୍ୟାପକ ନିଯୁକ୍ତି ଏବଂ କୁଳପତି ଚୟନ କମିଟିରେ ସରକାରୀ ପ୍ରତିନିଧିମାନଙ୍କୁ ସ୍ଥାନ ଦେବା ପାଇଁ ଉକ୍ତ ଅଧ୍ୟାଦେଶରେ କୁହାଯାଇଛି । ବାସ୍ତବରେ ସରକାର ଚାହୁଁଥିବା ଶିକ୍ଷା ମାରଣନୀତି ତଥା ଘରୋଇକରଣ ଓ ବ୍ୟବସାୟୀକରଣକୁ ଚାଲୁ କରିବା ପାଇଁ ବିଶ୍ୱବିଦ୍ୟାଳୟର ସ୍ୱାତନ୍ତ୍ର୍ୟ ବାଧା ସୃଷ୍ଟି କରୁଥିବାରୁ ଏହାକୁ ହରଣ କରିବା ପାଇଁ ଉକ୍ତ ଅଧ୍ୟାଦେଶ ଜାରି କରାଯାଇଛି ବୋଲି କନଭେନସନର ବକ୍ତାମାନେ କହି

ବିଚିତ୍ରା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ମଙ୍ଗଳବାର, ୨୨ ସେପ୍ଟେମ୍ବର, ୨୦୨୦

କ୍ୟାନ୍ସରର ବାହକ ଚୁଇଙ୍ଗମ୍

ଆମନ୍ତ୍ରଣ କରେ । ନ୍ୟାନୋଇମ୍ପାକ୍ଟର ଜେନେରାଲରେ ପ୍ରକାଶିତ ଏହି ଗବେଷଣାର ରିପୋର୍ଟ ମୁତାବକ, ଚୁଇଙ୍ଗମରେ ଟାଇଟେନିୟମ ଡାଇଅକ୍ସାଇଡ୍ ନାମକ ଏକ ତତ୍ତ୍ୱ ରହିଥାଏ, ଯାହା ଯୋଡ଼ିହୋଇ ରହିଥିବା କୋଶିକାକୁ ଭାଙ୍ଗିଦିଏ । ଏହାର ସିଧା ପ୍ରଭାବ ପାଚନତନ୍ତ୍ର ଉପରେ ପଡ଼ିଥାଏ । ଏହି ପୂରା ପ୍ରକ୍ରିୟା ଦ୍ୱାରା ମଣିଷ ଦୁର୍ବଳ ହୋଇଯାଏ ଏବଂ ସଂକ୍ରାମକ ରୋଗର ଆଶଙ୍କା ବଢ଼ିଯାଏ । କେବଳ ସେତିକି ନୁହେଁ ଟାଇଟେନିୟମ ଡାଇକ୍ସାଇଡ୍ ପେଟର କୋଶିକାର ଜାଲ ଛିଣ୍ଡାଇ ଶରୀର ଅନ୍ୟ ଅଂଶକୁ ପ୍ରବେଶ କରିଥାଏ । ଚୁଇଙ୍ଗମରେ ଥିବା ଟାଇଟେନିୟମ ଡାଇଅକ୍ସାଇଡ୍ ଏଭଳି ତତ୍ତ୍ୱ

ଯାହାକୁ ଖାଇବା ପରେ ଧୀରେ ଧୀରେ ଏହାର ଅଭ୍ୟାସ ଲାଗିଥାଏ । ଏହାସହ ଖାଉଥିବା ବ୍ୟକ୍ତି ବାରମ୍ବାର ଏହାକୁ ଚୋବାଇବାକୁ ଚେଷ୍ଟାକରି ଶେଷରେ ମୃତ୍ୟୁ ମୁଖରେ ପଡ଼ିଥାଏ ।

ଅନେକ ସମୟରେ ଦେଖାଯାଏ, ଲୋକେ ମୁହଁର ବ୍ୟାୟାମ ପାଇଁ ଚୁଇଙ୍ଗମ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ପାକୁଳି ଥାନ୍ତି । ଯଦି ଏଭଳି କାର୍ଯ୍ୟରେ ଆପଣ ବି ଜଡ଼ିତ, ତେବେ ସାବଧାନ ହୋଇଯାନ୍ତୁ, କାରଣ ଏହା ଜୀବନନାଶକ । ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି, ପାଟି ଭିତରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଚୁଇଙ୍ଗମ୍ ରଖି ଚୋବାଇଲେ କ୍ୟାନ୍ସର ଭଳି ରୋଗ ହେବାର ସମ୍ଭାବନା ରହିଛି । ଚୁଇଙ୍ଗମରେ ମିଳିଥିବା ତତ୍ତ୍ୱ କୋଲୋନ୍ କ୍ୟାନ୍ସରର କାରକ ସାଜିଥାଏ । ସମୟ ପୂର୍ବରୁ ଏହା ମୃତ୍ୟୁକୁ

ଖାଣ୍ଡଭି

ଆବଶ୍ୟକ ସାମଗ୍ରୀ:

ବେସନ ଦେଢ଼ କପ୍, ଦହି ଗୋଟେ କପ୍, ଗୋଟେ ଇଞ୍ଚ ଅଦା, ଦୁଇଟିକଞ୍ଚାଲଙ୍କା, ୪ଚାମଚ ରିଫାଇନ୍ ତେଲ, ସ୍ୱାଦ ଅନୁସାରେ ଲୁଣ, ହଳଦୀଗୁଣ୍ଡ ଅଧ ଚାମଚ, ଗୋଯେ ଚାମଚ ଲେମ୍ବୁ ରସ, ଚିମୁଟେ ହେଙ୍ଗୁ, ଗୋଟେ ଚାମଚ ଗୋଟା ରିଷ, ଦୁଇ ଚାମଚ ନଡ଼ିଆ କା, କିଛି କଟା ହୋଇଥିବା ଧନିଆ ପତ୍ର ।

ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ବେସନକୁ ଚଳାଇ ଏକ ଗିନାରେ ରଖନ୍ତୁ । ଅଦା ଓ କଞ୍ଚାଲଙ୍କାର ପେଷ୍ଟ ପ୍ରସ୍ତୁତ କରନ୍ତୁ । ପରେ ଦହିରେ ଅଳ୍ପ ପାଣି ମିଶାଇ ଲହୁଣୀ ବାହାର କରନ୍ତୁ । ଏବେ ବେସନରେ ଅଦା ଓ କଞ୍ଚାଲଙ୍କା ପେଷ୍ଟ, ସ୍ୱାଦ ଅନୁଯାୟୀ ଲୁଣ, ହଳଦୀ, ଲେମ୍ବୁରସ ଓ ଲହୁଣୀକୁ ମିଶାଇ ଦିଅନ୍ତୁ । ଏକ ପ୍ୟାନରେ ଏହି ମିଶ୍ରଣକୁ ଅଳ୍ପ ଆଞ୍ଚରେ ରଖନ୍ତୁ । । ମିଶ୍ରଣ ଭଲ ଭାବେ ଜନ୍ତି ନରମ ହୋଇଗଲେ, ଏହାକୁ ଥାଳିର ପଛପଟେ କିମ୍ବା ମାର୍ବଲ ଜଟାଣ ଉପରେ ଅଳ୍ପ ତେଲ ଲଗାଇ କାଢ଼ନ୍ତୁ । ଏହା ଉପରେ ପତଳା କରି ସମାନ ଭାବେ ଖେଳାଇ ଦିଅନ୍ତୁ । ମିଶ୍ରଣ ଥଣ୍ଡା ହୋଇଯିବା ପରେ ଦୁଇ ଇଞ୍ଚ ଓସାରରେ ଲମ୍ବା କରି କାଟନ୍ତୁ । ଏହାପରେ ଏହାକୁ ଗୋଲ କରି ଗୁଡ଼ାଇ ରଖନ୍ତୁ । ପ୍ୟାନ୍ ଗରମ କରି ଗୁଡ଼ାଇ ରଖନ୍ତୁ । ପ୍ୟାନ୍ ଗରମ କରି ସେଥିରେ ଦୁଇ ଚାମଚ ତେଲ ଦିଅନ୍ତୁ । ଏହି ତେଲରେ ହେଙ୍ଗୁ ଓ ସୋରିଷ ଛୁଙ୍କ ଦିଅନ୍ତୁ । ଏହି ଛୁଙ୍କକୁ ଖାଣ୍ଡଭି ଉପରେ ଢ଼ାଳି ଦିଅନ୍ତୁ । ତା ଉପରେ ନଡ଼ିଆ କୋରା ଓ କଟା ଧନିଆପତ୍ର ଦେଇ ସଜାନ୍ତୁ ।

ଅଦ୍ଭୁତ ରୋଗର ସନ୍ଧାନ

ଆଜି ବିଶ୍ୱରେ କ୍ରମାଗତ ଭାବରେ ଭେଷଜ ବିଜ୍ଞାନର ଅଗ୍ରଗତି ହୋଇ ସୁଦ୍ଧା କମିନାହିଁ ଅଦ୍ଭୁତ ଏବଂ ନୂତନ ରୋଗର ଆତଙ୍କ । ଦିନକୁ ଦିନ ଲୋକେ ଏହି ରୋଗର ଦଶବର୍ତ୍ତୀ ହେବାକୁ ଲାଗୁଛନ୍ତି, ଯେଉଁଥିରୁ ମୁକୁଳିବା ବର୍ତ୍ତମାନ ପାଇଁ ବଡ଼ କାଠିକର ପାଠ ହୋଇଗଲାଣି । ଏବେ ଏହିପରି ଏକ ନୂତନ ରୋଗର ସନ୍ଧାନ ମିଳିଛି, ଯାହାର ଦଶବର୍ତ୍ତୀ ହୋଇଛି ଉତ୍ତର-ପୂର୍ବ କଜାଖସ୍ଥାନ ସ୍ଥିତ ଅସ୍ଥାନା ସହରରେ ରହୁଥିବା ଛଅ ବର୍ଷର ୟର୍ନାର ଅଲିବେକୋବନାମକ ଲକ ବାଳକ । ଏହି ବାଳକ ଜଣକ ଏପରି ଏକ ରୋଗରେ ଆକ୍ରାନ୍ତ ହୋଇଛି, ଯାହାଦ୍ୱାରା ବାଳକର ଚର୍ମ ଜଣେ ଷାଠିଏ ବର୍ଷର ବୃଦ୍ଧାଙ୍କ ପରି ହୋଇଯାଇଛି । ଡାକ୍ତର ଏହାକୁ ଆନୁବଂଶିକ ରୋଗ ବୋଲି କହିଛନ୍ତି, ଯାହାର ନାମ ହେଉଛି ଏହଲର୍ସ ଡେନଲୋସ୍ । ମିଡ଼ିଆ ରିପୋର୍ଟ ମୁତାବକ, ୟର୍ନାର ଅଲିବେକୋବ ଏକ ବର୍ଷର ହେବା ପର୍ଯ୍ୟନ୍ତ ବିଲକୁଲ ଠିକ୍ ଥିଲେ । କିନ୍ତୁ ଏକ ମାସ ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଧିରେଧିରେ ବିଗିଡ଼ିବାରେ ଲାଗିଲା । ବୟସ ବଢ଼ିବା ସହ ତାଙ୍କ ବାପା ଓ ମାଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି । ଆବଶ୍ୟକୀୟ ଅର୍ଥରାଶିର ଅଭାବରୁ ୟର୍ନାର ଅଲିବେକୋବଙ୍କ ଚିକିତ୍ସାରେ ମଧ୍ୟ ବିଳମ୍ବ ହେଉଛି । ଏଥିପାଇଁ ୟର୍ନାର ଅଲିବେକୋବଙ୍କ ସମ୍ପର୍କୀୟ ତାଙ୍କୁ ସାହାଯ୍ୟରେ ହାତ ବଢ଼ାଇଛନ୍ତି ।

ପ୍ରଥମ ହିନ୍ଦୀ କହୁଥିବା ମାନବ ରୋବୋ

ରାଞ୍ଚିରେ ରହୁଥିବା ୩୮ ବର୍ଷୀୟ ରଣଜିତ ଶ୍ରୀବାସ୍ତବ ଦୁନିଆରେପ୍ରଥମ ହିନ୍ଦୀ କହୁଥିବା ମାନବ ରୋବୋଟ୍ ତିଆରି କରିଛନ୍ତି । ସେହି ମାନବ ରୋବୋଟର ନାମ ରଖିଛନ୍ତି ରଶ୍ମୀ ।ଏହା ସୋଫିଆ ଭଳି କାର୍ଯ୍ୟ କରିବ । ସୋଫିଆ ହେଉଛି ପ୍ରଥମ ମାନବ ରୋବୋଟ୍ । ଏହାକୁ ପ୍ରସ୍ତୁତ କରିଥିଲେ ହଙ୍ଗକଙ୍ଗର ଏକ ରୋବୋଟିକ୍ କମ୍ପାନି । ରଶ୍ମୀ ମଣିଷଙ୍କ ଭଳି ଭାବନା ବୁଝିପାରିବା ସହ କାର୍ଯ୍ୟ ମଧ୍ୟ କରିପାରିବ । ଏଥି ସହ ରଶ୍ମୀ ଭୁହଁର ଭାବ ଜାଣିବା ସହ ବୁଦ୍ଧି ଏବଂ ପରିସ୍ଥିତିକୁ ବ୍ୟାଖ୍ୟା ମଧ୍ୟ କରିପାରିବ । ରଣଜିତ କହିଛନ୍ତି- ଏହି ରୋବୋଟ୍ ତିଆରି କରିବାରେ ୮୦ପ୍ରତିଶତ କାମ ସରିସାରିଛି । ବାକି କାମ କିଛିମାସ ଭିତରେ ପ୍ରସ୍ତୁତ ହୋଇଯିବ । ବର୍ତ୍ତମାନ ରଶ୍ମୀ ଆଖି ଏବଂ ଓଠ ହଲାଇପାରୁଛି । ଏହା ସହ ବେକ ବୁଲାଇ ଇଙ୍ଗିତ ମଧ୍ୟ ଦେଇପାରୁଛି । ରଶ୍ମୀ ଭିତରେ ମଣିଷଙ୍କ ମୁହଁ ମନେରଖି ପାରିବାର କ୍ଷମତା ମଧ୍ୟ ରହିଛି । କାରଣ ଏହି ରୋବୋଟ୍ ଆଖିରେ ଏକ କ୍ୟାମେରା ଲାଗିଛି । ଦୁଇ ବା ତିନି ଥର ଜଣେ ମଣିଷକୁ ଦେଖିଲେ ସେ ମନେ ରଖିପାରିବ । ରଶ୍ମୀଙ୍କୁ ତିଆରି କରିବାରେ ରଣଜିତଙ୍କୁ ଏପର୍ଯ୍ୟନ୍ତ ୨ବର୍ଷ ସମୟ ଲାଗିଲାଣି ।

ପୋଷ୍ଟନାଟାଲ ଡିପ୍ରେସନ୍

ପିଲାଜନ୍ମ ପରେ ମା ଠାରେ ଦେଖା ଯାଉଥିବା ଅବସାଦକୁ ପୋଷ୍ଟନାଟାଲ ଡିପ୍ରେସନ ବୋଲି କୁହାଯାଏ । ଗର୍ଭାବସ୍ଥା ସମୟରେ କିମ୍ବା ପିଲା ଜନ୍ମ ପରେ ପରେ ୫ଜଣ ମାଙ୍କ ମଧ୍ୟରୁ ଜଣଙ୍କଠାରେ ପୋଷ୍ଟନାଟାଲ ଡିପ୍ରେସନ୍ ଦେଖା ଦେଇଥାଏ । ଏ ସମୟରେ ମହିଳାଙ୍କଠାରେ ପୋଷ୍ଟନାଟାଲ ଡିପ୍ରେସନ ଦେଖା ଦେଇଥାଏ । ଏ ସମୟରେ ମହିଳାଙ୍କ ଠାରେ ଉଦାହରଣ, ଜୀବନରୁ ରୁଚି ହ୍ରାସ ହେବା, ପ୍ରତି

କଥାରେ ନିଜକୁ ଦୋଷୀ ଭାବିବା, ନିଜ ଉପରେ ଆରୋପ ଲଗାଇବା ଲକ୍ଷଣ ଦେଖାଯାଏ । କିନ୍ତୁ ଏ ସମସ୍ତ ଲକ୍ଷଣକୁ ସାଧାରଣ ଭାବି ଦମ୍ଭଭି ଅଣଦେଖା କରିଦିଅନ୍ତି । ଯଦ୍ୱାରା ପୋଷ୍ଟନାଟାଲ ଡିପ୍ରେସନର ଚିକିତ୍ସାରେ ବିଳମ୍ବ ହୋଇଥାଏ । ୟୁନିଭର୍ସିଟି ଅଫ୍ ବ୍ରିଟିଶ୍ କଲମ୍ବିଆ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି, ଅଧିକାଂଶ ମହିଳାଙ୍କ ଠାରେ ଏସମୟରେ କ୍ରୋଧ ଭାବନା ଅଧିକ ଦେଖାଦିଏ । ବିଶେଷଜ୍ଞଙ୍କ ଅନୁସାରେ, କୋଧ ପୋଷ୍ଟନାଟାଲ ଡିପ୍ରେସନରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଯଦି ଏହାର ଚିକିତ୍ସା ସମୟ ପୂର୍ବରୁ କରାନଯାଏ, ତେବେ ମହିଳା ରୋଗମୁକ୍ତ ହେବାରେ ବାଧା ସୃଷ୍ଟି ହୁଏ । ଏହାଦ୍ୱାରା ମା ପିଲା ଏବଂ ପରିବାର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଏମକିତି ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ମଧ୍ୟ ଖରାପ ହୋଇଥାଏ । ଫଳରେ ପରିବାର ଓ ସ୍ୱାମୀଙ୍କ ସାହାଯ୍ୟ ମିଳିବା ପରିବର୍ତ୍ତେ ସମ୍ପର୍କରେ ଫାଟ ସୃଷ୍ଟି ହୁଏ ।

ସ୍ତନ କର୍କଟ ନହେବା ପାଇଁ ସାବଧାନତା

ତିରିଶ ବର୍ଷ ପରେ ମହିଳାମାନେ ସ୍ତନ କର୍କଟରେ ଆକ୍ରାନ୍ତ ହେଉଥିବାର ଦୃଷ୍ଟାନ୍ତ ଅଧିକ । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତରେ ପ୍ରତି ତିରିଶ ଜଣରେ ଜଣେ ମହିଳା ସ୍ତନ କର୍କଟରେ ଆକ୍ରାନ୍ତ ହେଉଛନ୍ତି । ସାବଧାନ ତଥା କେତେକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ ଦ୍ୱାରା ସ୍ତନ କର୍କଟ ଆଶଙ୍କା ରହେନାହିଁ । ନିତିଦିନିଆ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ । ଠିକ୍ ସମୟରେ ଶୋଇବା ଓ ଉଠିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସନ୍ତୁଳିତ ତଥା ଭିଟାମିନ ଡି, ସି ଏବଂ ବି-୧୨ ପେଷାକଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ । ତାଜା ଫଳ, ସବୁଜ ପନିପରିବା, ଶାଗ

ଖାଦ୍ୟରେ ଖାଇବା ଉପକାରୀ । ସବୁଜ ଚାହା ପିଅନ୍ତୁ । ଏହା ଏଣ୍ଟିଅକ୍ସିଡାଣ୍ଟଯୁକ୍ତ ହୋଇଥିବାରୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ନିୟମିତ ବ୍ୟାୟାମ ଦ୍ୱାରା ସ୍ତାନ

ସାମିଲ କରନ୍ତୁ । କଂଚା ରସୁଣ କର୍କଟ ପ୍ରତିରୋଧକ ହୋଇଥିବାରୁ ପ୍ରତିଦିନ କର୍କଟ ସମସ୍ୟା ଦୂରହୁଏ । ପ୍ରତିଦିନ କିଛି ସମୟ ଚାଲନ୍ତୁ କିମ୍ବା ଧୀରେ ଦୌଡ଼ନ୍ତୁ । ସନ୍ତରଣ ଅଭ୍ୟାସ କରିପାରନ୍ତି । ଏହାଦ୍ୱାରା ଓଜନ ଠିକ୍ ରହେ, ରକ୍ତ ଚାପ ନିୟନ୍ତ୍ରିତ ହୁଏ, ଯକୃତରେ ଚର୍ବି ଜମେକନାହିଁ ଏବଂ ସ୍ତନ କର୍କଟ ସମସ୍ୟା ଟଳିଯାଏ । ମାନସିକ ଚାପରେ ରହନ୍ତୁ ନାହିଁ । ଚାପରୁ ମୁକ୍ତି ପାଇଁ ସବୁଠାରୁ ଭଲ ଉପାୟ ହେଲା ପ୍ରତିଦିନ ଧ୍ୟାନ ଓ ଯୋଗ ଅଭ୍ୟାସ କରନ୍ତୁ । କର୍କଟ ରୋଗର ପାରିବାରିକ ଇତିହାସ, ଚାଳିଶବର୍ଷ ପରେ ପ୍ରଥମ ସନ୍ତାନ ଜନ୍ମ, ଆଲକହଲ ସେନ, ପ୍ରଜେଷ୍ଟରେନ କିମ୍ବା ଏଷ୍ଟ୍ରୋଜେନ ହରମନ ବଟିକା ଖାଉଥିବା ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ଆଶଙ୍କା

ଥାଏ । ଏଥିପ୍ରତି ସତର୍କ ହିବା ଜରୁରୀ । ନିୟମିତ ବ୍ୟଧଶନରେ ବିଭାଗୀୟ ଡାକ୍ତରଙ୍କ ଠାରେ ପରୀକ୍ଷା କରାଇବା ଦ୍ୱାରା ସ୍ତନ କର୍କଟ ସମସ୍ୟା ଜଣାପଡ଼େ ।

ପାଦରେ ଫୋଟକା ହେଉଥିଲେ....

ଟାଇଟ୍ ଜୋତା ପିନ୍ଧିବା, ଅଧିକ ଚାଲିବା, ଷ୍ଟାଇଲ ପାଇଁ ବାରମ୍ବାର ନୂଆ ଜୋତା ବଦଳାଇବା ଆଦି ବିଭିନ୍ନ କାରଣରୁ ଅନେକ ଯୁବତୀମାନଙ୍କ ଠାରେ ପାଦରେ ଫୋଟକା ହେଉଥିବା ଦେଖାଦେଇଥାଏ । ଏହା ପରବର୍ତ୍ତୀ ସମୟରେ ଜୋତା ପିନ୍ଧିବାରେ, ଚାଲିବାରେ ଖୁବ୍ କଷ୍ଟ ଦେଇଥାଏ । କେହି କେହି ଶୀଘ୍ର ଭଲ ହୋଇଯିବା ଲାଗି ଏହାକୁ ଫଟାଇବା ଯୋଗୁ ତାହା ଇନଫେକ୍ସନ ହୋଇ ଜଟିଳ ରୂପ ନେଇଥାଏ । ତେଣୁ ପାଦରେ ଫୋଟକା ହେଉଥିଲେ ଏହାକୁ ଭଲ କରିବା ଲାଗି ଫଟାଇବା କିମ୍ବା ଖଣ୍ଡିଆ କରିବା ପରିବର୍ତ୍ତେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ବ୍ୟବହାର କରନ୍ତୁ ନଚେତ୍ କେତୋଟି ଘରୋଇ ଉପଚାର ବି ଆପଣାଇ ପାରିବେ ...

ଘିକୁଆଁରୀ:

ଯଦି ଆପଣଙ୍କ ପାଦରେ ଫୋଟକା ହୋଇଛି ଏବଂ ଜୋତା ପିନ୍ଧିବାରେ କିମ୍ବା ଚାଲିବାରେ କଷ୍ଟ ହେଉଛି ତେବେ ଉକ୍ତ ସ୍ଥାନରେ ଘିକୁଆଁରୀ ରସ ବା ଜେଲ ଲଗାଇ ଶୁଖିବା ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ । ଅନେକ ପ୍ରକାର ସମାଧାନ ଲାଗି ଘିକୁଆଁରୀ ଏକ ଭଲ ଔଷଧ । ଏହାର ଥଣ୍ଡା ଏବଂ ଆରୋଗ୍ୟ ଗୁଣ ଫୋଟକାରେ ହେଉଥିବା ଜଳାପୋଡ଼ା କଷ୍ଟ ସହ ଫୁଲା କମାଇବାରେ ସାହାଯ୍ୟ କରିଥାଏ । ଏହାକୁ ଲଗାଇବା ସମୟରେ ଅଳ୍ପ ପୋଡିବା ଏବଂ କୁଣ୍ଡାଇହେବା ଭଳି ଅନୁଭବ ହୋଇଥାଏ, ହେଲେ ଏଥିରେ ବ୍ୟସ୍ତ ହେବାର କାରଣ ନାହିଁ । ଦିନକୁ ଦୁଇଥର ଏହି ଜେଲ ଫୋଟକା ଉପରେ ଲଗାନ୍ତୁ ଏବଂ ଶୁଖିବା ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

ଗ୍ରୀନ୍ ଟି:

ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ଫୋଟକାର କଷ୍ଟ ଏବଂ ଫୁଲା କମାଇଥାଏ । ଏଥିରେ ଥିବା ଆଣ୍ଟି ଇନ୍‌ଫ୍‌ଲାମେଟୋରି ଗୁଣ ଫୋଟକା ସ୍ଥାନରେ ହେଉଥିବା ପୋଡ଼ାଜଳା କମ୍ କରେ । ଏକ ଗ୍ରୀନ୍ ଟି ବ୍ୟାଗକୁ ଗରମ ପାଣିରେ ବୁଡ଼ାନ୍ତୁ ଏବଂ ସେଥିରେ ସାମାନ୍ୟ ବେକିଂ ସୋଡ଼ା ପକାନ୍ତୁ । ଥଣ୍ଡା ହେବା ପରେ ଫୋଟକା ଉପରେ ଟି ବ୍ୟାଗକୁ ଲଗାଇ କିଛି ସମୟ ରଖନ୍ତୁ । ବେକିଂ ସୋଡ଼ାରେ ଥିବା ଆଣ୍ଟିସେପ୍ଟିକ୍ ଗୁଣ ଇନଫେକ୍ସନ୍ ହେବାକୁ ଦେଇନଥାଏ ।

ଆପଲ ସାଇଡର ଭିନେଗାର:

ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆଣ୍ଟି ଇନ୍‌ଫ୍ଲେମେଟୋରି ଏବଂ ଅନ୍ୟାନ୍ୟ ପାଦାନ ଫୋଟକାର କଷ୍ଟ ଏବଂ ଫୁଲା କମାଇବା ସହିତ ଇନଫେକ୍ସନ୍ ଆଶଙ୍କା ଦୂର କରିଥାଏ । ତୁଳାରେ ଅଳ୍ପ ଆପଲ ସାଇଡର ଭିନେଗାର ଆଣି ଫୋଟକା ଉପରେ ଲଗାନ୍ତୁ ଏବଂ କିଛି ସମୟ ରଖିବା ପରେ ଧୋଇଦିଅନ୍ତୁ । ଯଦିଓ ଏହାକୁ ଲଗାଇବା ସମୟରେ ଖୁବ୍ ପୋଡ଼ିଥାଏ ହେଲେ ଶୀଘ୍ର ଉପଶମ ମଧ୍ୟ ମିଳିଥାଏ ।

ଜଡ଼ାତେଲ:

ଅନେକ ସମୟରେ ଦେଖାଯାଏ, ଫୋଟକା ରହିଯିବା କାରଣରୁ ଧୀରେ ଧୀରେ ଟାର ହୋଇ ଲାଲ୍ ପଡ଼ି ଦରଜ ଏବଂ କୁଣ୍ଡାଇ ହେବା ଭଳି ସମସ୍ୟା ସୃଷ୍ଟିକରେ, ଯାହାକି ବେଶି କଷ୍ଟ ଦେଇଥାଏ । ଏହାକୁ ଦୂରକରିବା ଲାଗି ସବୁଠୁ ସହଜ ଏବଂ ସରଳ ଘୋରୋଇ ଉପଚାର ହେଉଛି ଜଡ଼ାତେଲ । ଏହାକୁ ରାତିରେ ଫୋଟକା ଉପରେ ଲଗାଇ ଶୋଇପଡ଼ନ୍ତୁ, ଦେଖିବେ ସକାଳେ କେତେ ଆରାମ ଲାଗିବ । ଦିନକୁ ୨-୩ଥର ବ୍ୟବହାର କଲେ ଅଧିକ ଉପକୃତ ହୋଇପାରିବେ । ଏସବୁ ବ୍ୟତୀତ ସୋରିଷ ତେଲ, ପେଷଫ୍ରାଲିୟମ ଜେଲି ଆଦି ବି ଫୋଟକା ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ ।

ଆମେରିକାରେ ଲୋକପ୍ରିୟ 'କ୍ଲାରିଫାଏଡ୍ ବଟର'

ଆମ ଭାରତର ଯେକୌଣସି ପ୍ରନ୍ତର ମହାନଗରୀ ହେଉ ଅବା ସହରକୁ ଗଲେ, ସେଠା ଲୋକଙ୍କ ସ୍ୱାସ୍ଥ୍ୟ ସଚେତନତା ଦେଖିବାକୁ ମିଳୁଛି । ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଲୋକେ ଏବେ ରିଫାଇନ୍ ତେଲ, ଅଲିଭ ତେଲରେ ପ୍ରସ୍ତୁତ ବ୍ୟଞ୍ଜନଖଇବକୁ ପସନ୍ଦ କରୁଛନ୍ତି । ଏପରିକି ଲୋ-ଫ୍ୟାଟ୍ ତେଲର ଚାହିଦା ମଧ୍ୟ ଖୁବ୍ ଅଧିକ । ହେଲେ କିଛି ବର୍ଷ ତଳେ ଭାରତୀୟ ଖାଦ୍ୟ ବଜାରର ସ୍ଥିତି ଥିଲା ଭିନ୍ନ । ଅଧିକାଂଶ ରେଷ୍ଟୋରାଁ ଓ ହୋଟେଲରେ ଘିଅରେ ହିଁ ଖାଦ୍ୟ ତିଆରି କରାଯାଉଥିଲା । ଆଜି ମଧ୍ୟ ଦିଲ୍ଲୀର କେତେକ ଅଞ୍ଚଳରେ ଶୁଦ୍ଧ ଦେଶୀ ଘିଅ ପ୍ରସ୍ତୁତ ବ୍ୟଞ୍ଜନ ଉପଲବ୍ଧ ହୋଇଥାଏ । ଆମେ ଭାରତୀୟ ଲୋକ ଅଲିଭ ତେଲ ଓ ରିଫାଇନ୍ ତେଲର ମୋହରେ ବାନ୍ଧି ହେଉଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକାରେ କିନ୍ତୁ ଆମ ଦେଶୀ ଘିଅର ଲୋକପ୍ରିୟତା ବଢ଼ିବାରେ ଲାଗିଛି । ଅବଶ୍ୟ ସେମାନେ ଏହାକୁ ଏକ ଭିନ୍ନ ନାମ 'କ୍ଲାରିଫାଏଡ୍‌ବଟର' ଦେଇଛନ୍ତି । ଭାରତୀୟ ଖାଦ୍ୟ ବିଶେଷଜ୍ଞ ରୁକୁତାଦିଓ୍ୱେକର ମଦ୍‌ଞ୍ଚ ସମାନ ତଥ୍ୟ ଗଣମାଦ୍‌ଞ୍ଚମକୁ ଅବଗତ କରାଇଛନ୍ତି । ଅନେକ ବର୍ଷ ପୂର୍ବେ ଭାରତୀୟ ଲୋକେ ଘିଅର ଉପଯୋଗ ନିୟମିତ କରି ସୁସ୍ଥ ଜୀବନ ଅତିବାହିତ କରୁଥିଲେ, ତେବେ ବର୍ତ୍ତମାନ କିପରି ଏହାର କୁପ୍ରଭାବ ଶରୀର ଉପରେ ପଡ଼ିବ ? ଦୈନିକ ଅଳ୍ପ ପରିମାଣର ଘିଅର ଉପଯୋଗ କରି ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କଲେ ତାହା ବରଂ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଆମେରିକୀୟ ଖାଦ୍ୟ ବିଶେଷଜ୍ଞ ସଂଘ ମଧ୍ୟ ସମାନ ମତ ଉପସ୍ଥାପନା କରିଛି । ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ନିୟମିତ ଘିଅର ଉପଯୋଗ ସବୁଠୁ ଉତ୍ତମ । ତେବେ ଏହା ଅଧିକ ପରିମାଣରେ ହେବା ହାନିକାରକ । ଆମ ଭାରତୀୟ ଖାଦ୍ୟଶୈଳୀରେ ସକାଳ ଜଳଖିଆରେ ଉପମା, ଦୋସା, ପରଟା, ତରକାରୀ କିଛଇ ମଧ୍ୟ ଅଳ୍ପ ଘିଅର ଉପଯୋଗରେ ପ୍ରସ୍ତୁତ କରିହେବ । ଏହାର ଅର୍ଥ ନୁହେଁ ଯେ ସକାଳ ଜଳଖିଆରେ ଘିଅ ଲଗା ପରଟା ଗୋଟିଏ ବଦଳରେ ଜଣେ ବ୍ୟକ୍ତି ୪ଟା ଖାଇବ । ଏହା ନିଶ୍ଚିତ ଭାବେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବ । ଯେ କୌଣସି ବ୍ୟଞ୍ଜନ ପ୍ରସ୍ତୁତ କରୁଥିଲେ ମଧ୍ୟ ଅଧ ଚାମଚରୁ ୧ଚାମଚ ଘିଅର ବ୍ୟବହାର କରନ୍ତୁ । ଘିଅ ଆମ ପାଚନ ଶକ୍ତି ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ନିକଟରେ ହୋଇଥିବା ଏକ ଆମେରିକା ଫୁଡ୍ ଷ୍ଟୋର ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେଠାକାର ଏନଆରଆଇ ଭାରତୀୟ ଅଲିଭ ତେଲ କିଣୁଥିବାବେଳେ ଆମେରିକୀୟ ନାଗରିକମାନେ କିନ୍ତୁ ଭାରତୀୟ ଦେଶୀ ଘିଅ କିଣି ନିଜ ଭୋଜନରେ ସାମିଲ କରାଉଛନ୍ତି ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୨ସେପ୍ଟେମ୍ବର ୨୦୨୦, ମଙ୍ଗଳବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

କରୋନାର ଆହ୍ୱାନ...

ଦେଶରେ ଗୋଟିଏ ଦିନରେ ବାର ଲକ୍ଷରୁ ଅଧିକ କରୋନା ନମୁନା ପରୀକ୍ଷା କରି ଏକ ରେକର୍ଡ ସୃଷ୍ଟି କରାଯାଇଛି । ଦେଶରେ କୋଭିଡ-୧୯ ମହାମାରୀ ଯେଉଁଭଳି ଭାବେ ବ୍ୟାପକ ମାତ୍ରାରେ ବଢ଼ିଚାଲିଛି ସେତେବେଳେ ଆକ୍ରାନ୍ତଙ୍କ ଚିହ୍ନଟ କରିବା ସକାଶେ ସେମାନଙ୍କର ନମୁନା ପରୀକ୍ଷା ଉପରେ ଏବେ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଉଛି । ଏହାକୁ ଏକ ରଣନୀତି ଭାବେ ସରକାର ଗ୍ରହଣ କରିଛନ୍ତି । ରୋଗୀ ଚିହ୍ନଟ ହୋଇପାରିଲେ ସେମାନଙ୍କୁ କିଭଳି ଭାବେ ଅନ୍ୟମାନଙ୍କଠାରୁ ପୃଥକ୍ ରଖି ଚିକିତ୍ସା କରାଯାଇପାରିବ ସେଥିପାଇଁ ବିସ୍ତୃତ ମାର୍ଗଦର୍ଶିକା ଉର୍ଦ୍ଧ କେନ୍ଦ୍ର ଓ ରାଜ୍ୟ ସରକାର ଜାରି କରିଛନ୍ତି । ସେହିଭଳି ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେର ୯୪ ହଜାରରୁ ଅଧିକ କରୋନା ଆକ୍ରାନ୍ତ ଆରୋଗ୍ୟ ଲାଭ କରିବା ମଧ୍ୟ ଆଉ ଏକ ଉଲ୍ଲେଖନୀୟ ସାଫଲ୍ୟ । ଏବେ ଦେଶରେ ଆରୋଗ୍ୟ ହାର ୭୯.୬୮ ପ୍ରତିଶତ ଛୁଇଁଛି, ଯାହାକି ନିଶ୍ଚିତ ଭାବେ ପ୍ରଶଂସାର କଥା । ମୃତ୍ୟୁହାର ମଧ୍ୟ ନିରବଚ୍ଛିନ୍ନ ଭାବେ ହ୍ରାସ ପାଇଚାଲିଛି । ଏବେ ଏହା ୧.୬୧ ପ୍ରତିଶତକୁ ଖସିଛି । ଭାରତରେ କରୋନାଜନିତ ମୃତ୍ୟୁହାର ବିଶ୍ୱରେ ସର୍ବନିମ୍ନ ରହିଛି । ଏଭଳି ସଫଳତା ସତ୍ତ୍ୱେ ପ୍ରତିଦିନ ଦେଶରେ ପ୍ରାୟ ୯୦ ହଜାର ପର୍ଯ୍ୟନ୍ତ ନୂତନ କରୋନା ପଜିଟିଭ୍ ଚିହ୍ନଟ ହେବା ମଧ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଏହା ପରୋକ୍ଷରେ ସୂଚୀତ କରେ ଯେ କରୋନା ମହାମାରୀ ଦେଶରେ ତା'ର କାୟା ଯଥାରୀତି ବଢ଼ାଇ ଚାଲିଛି । ଭାରତରେ କରୋନା ଆକ୍ରାନ୍ତଙ୍କ ମୋଟ୍ ସଂଖ୍ୟା ଏବେ ୫୪ ଲକ୍ଷକୁ ଟପି ସାରିଛି । ସେମାନଙ୍କ ମଧ୍ୟରୁ ୪୩ ଲକ୍ଷରୁ ଅଧିକ ଆକ୍ରାନ୍ତ ଆରୋଗ୍ୟ ଲାଭ କରିସାରିଥିଲେ ସୁଦ୍ଧା ଏହି ମହାମାରୀରେ ଏପର୍ଯ୍ୟନ୍ତ ୮୬ ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିବା ମଧ୍ୟ ଅନ୍ୟତମ ଚିନ୍ତାର କାରଣ । ଦେଶରେ କରୋନା ସଂକ୍ରମଣର ଆରମ୍ଭକୁ ଗତ ଫେବୃଆରୀ ୧୫ ତାରିଖଠାରୁ ହିଁ ହିସାବକୁ ନିଆଯାଇଥାଏ । ସେହି ଦୃଷ୍ଟିରୁ ବିଚାର କଲେ ଆକ୍ରାନ୍ତ ହୁଅନ୍ତୁ କିମ୍ବା ମୃତ୍ୟୁହାର ହେଉ, ସେହି ଗ୍ରାଫ ସଦାବେଳେ ଉପରମୁହାଁ ହୋଇ ରହିଛି । କରୋନା ମହାମାରୀକୁ ପ୍ରାରମ୍ଭରୁ ରୋକିବା ନିମନ୍ତେ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଦିଗରେ ଭାରତ ରାଷ୍ଟ୍ରଙ୍କ ମଧ୍ୟରୁ ଅନ୍ୟତମ । ଯେତେବେଳେ ୟୁରୋପଠାରୁ ଆରମ୍ଭ କରି ମଧ୍ୟ ପ୍ରାଚ୍ୟ ଏବଂ ଦୂରପ୍ରାଚ୍ୟ ଭଳି କ୍ଷେତ୍ରରେ ରାଷ୍ଟ୍ରସମୂହ କରୋନା ଆକ୍ରାନ୍ତରେ ଅତିଷ୍ଠ ହୋଇପଡ଼ିଥିଲେ ସେତେବେଳେ ଭାରତର ସ୍ଥିତି ସନ୍ତୋଷଜନକ ଥିଲା । କିନ୍ତୁ ଏହା ଧୀରେ ଧୀରେ ଭାରତରେ ଏବେ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି । ଏହାର ନିୟନ୍ତ୍ରଣ ଓ ପରିଚାଳନା ସକାଶେ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ଠାରୁ ଅରମ୍ଭ କରି ଗ୍ରାମାଞ୍ଚଳର ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ସର୍ବତ୍ର ପ୍ରଚେଷ୍ଟା ଜାରି ରହିଛି । କିନ୍ତୁ ଏଯାବତ୍ ସଂକ୍ରମଣ ନିୟନ୍ତ୍ରଣ ହୋଇପାରିନାହିଁ । ବାସ୍ତବତା ଦୃଷ୍ଟିରୁ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ଦେଶକୁ ଆହୁରି କଠୋର ଶୃଙ୍ଖଳା ଆଚରଣ କରିବାକୁ ପଡ଼ିବ । ସଦ୍ୟତମ ତଥ୍ୟ ଅନୁସାରେ ଓଡ଼ିଶା ସମେତ ଦେଶର ୧୨ଟି ରାଜ୍ୟରେ ହିଁ ଭାରତର ମୋଟ୍ କରୋନା ସଂକ୍ରମଣର ପ୍ରାୟ ୮୫ ଶତାଂଶରୁ ଅଧିକ ଲୋକ ଦେଶକୁ ଆଶ୍ୱସ୍ତି ମିଳିବ । ତେଣୁ କେବଳ ରୋଗୀ ଚିହ୍ନଟ କିମ୍ବା ପରୀକ୍ଷା ନୁହେଁ, ସେଥିସହ ଜନ ପ୍ରଚଳନ ଉପରେ ମଧ୍ୟ କଠୋର କଟକଣା ଜାରି କରାଯିବା ଆବଶ୍ୟକ । ଏହା ହିଁ ଲୋକମାନଙ୍କ ମଧ୍ୟରେ ସଂକ୍ରମଣର ମାତ୍ରା ବୃଦ୍ଧିକୁ ପ୍ରତିହତ କରିପାରିବ । ବ୍ୟକ୍ତିଗତ ସ୍ତରରେ ଏହା ଯେତିକି ଜରୁରୀ ସାମାଜିକ ସ୍ତରରେ ତତୋଧିକ କାମ୍ୟ । ଅନ୍ୟଥା ସଂକ୍ରମଣ ବୃଦ୍ଧି ପାଇଲେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବ ଏବଂ ତାହା ପରିଶେଷରେ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ାଇବ । ଯେକୌଣସି ବିପଦକୁ ତଳମୁଣ୍ଡ ପରିବର୍ତ୍ତେ ଉପରମୁଣ୍ଡରୁ ହିଁ ପ୍ରତିହତ କଲେ ସେଥିରୁ ଅଧିକ ସୁଫଳ ମିଳିଥାଏ । କରୋନା କ୍ଷେତ୍ରରେ ମଧ୍ୟ ତାହା କରାଯିବା ଉଚିତ । ରଣନୀତି ଏଭଳି ପ୍ରସ୍ତୁତ ହେବା ଆବଶ୍ୟକ ଯଦ୍ୱାରା ସଂକ୍ରମଣର ଚେନକୁ ତୁଟାଇ ଦିଆଯାଇପାରିବ । ଫଳରେ ଦିନକୁ ଦିନ ନୂତନ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବ । ୟୁରୋପର ଅନେକ ରାଷ୍ଟ୍ର ଏହି ଫର୍ମୁଲାକୁ ହିଁ ଆପଣାଇଥିଲେ । ଏକଥା ସତ ଯେ ଭାରତର ସତର୍କତାକୁ ସେମାନେ ଗ୍ରହଣ କରିଛନ୍ତି । କିନ୍ତୁ ସଦାବେଳେ ଶ୍ରେଷ୍ଠ କାର୍ଯ୍ୟପନ୍ଥାଟି ଅନ୍ୟର ହେଲେ ସୁଦ୍ଧା ତାହା ଗ୍ରହଣୀୟ । ଏହା ହିଁ ସମୟର ଆହ୍ୱାନ ।

ମାୟା ମିରିଗ...

କୁନା ସେଠୀ

ଜୀବନଟା ଏକ ମାୟା ମିରିଗ
ଏଇ ଅଛି ଏଇ ନାହିଁ
ଯେତେ ଦୌଡିଲେ ଧରା ଦିଏ ନାହିଁ
ହାତ ଛଡା ହେଉଥାଉ।

ମୋର ମୋର କହି ଦିନ ସରିଯାଏ
ମୋର ତ ହୁଏନି କେହି
ନିଜର ବୋଲିତ ଯାହାକୁ ଭାବିବା
ମାୟା ମିରିଗ ଟେ ସେହି।

ଧନ, ଜନ କେହି ସାହା ହୁଏ ନାହି
ସାହା ହୁଏ କର୍ମ ଆମ
ସେହି କର୍ମ ନେଇ ପହଞ୍ଚାଇ ଦିଏ
ଅଦୃଶ୍ୟର ପୁଣ୍ୟ ଧାମ।

ତେଣୁ ରେ ମନ ପାଗଳ ନହୋଇ
କରମ ପଥକୁ ଚାହାଁ
କରମ ତୋ ବାପା ତୋ ମାଆ
ଧରମ ରଥକୁ ଆ...।

ଲୁଚା ଛପା ଖେଳ ବହୁତ ଖେଳିଲୁ
ଟିକି ଏଇ ଜୀବରେ
ମାୟା ମିରିଗର ପଛେ ପଛେ ଧାଇଁ
ଡାକୁ ତୁହି ହରେ ହରେ।

ସବୁ ମାୟା ଏଇ ଜୀବନ ଧାମରେ
ସାଥୀରେ କେ ଯିବ ନାହିଁ
ସ୍ୱାର୍ଥ ଧାରିତ ଜୀବନ ଏଇତ
ମାୟା ମିରିଗ ଟେ ଭା।
ଜୟ ଜଗନ୍ନାଥ

+ (ଶିକ୍ଷକ)
ଭୂତସରସିଙ୍ଗୀ
ମୋ: ୬୩୭୦୭୦୬୨୮୦

କରୋନା : ଏକ ବିହଙ୍ଗାବଲୋକନ

ଶରତ କୁମାର ଦାସ

(ପୂର୍ବପ୍ରକାଶିତ ଉତ୍ତାରୁ...)

ବିଶେଷ କରି ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଆର୍ଥିକ ଅନାଟନ ଭିତରେ କାଳତିପାତ କରୁଛନ୍ତି। ଅଗଣିତ ଶ୍ରମଜୀବୀଙ୍କ ନିକଟରେ ଶ୍ରମର କୌଶସି ପନ୍ଥା ନାହିଁ। ଅନନ୍ୟୋପାୟହୋଇ ପ୍ରବାସୀ ଭାଇମାନେ ଜୀବନକୁ ବାଜି ଲଗାଇ ଜୀବିକା ନିମନ୍ତେ ପୁନଶ୍ଚ ନିଜ ରାଜ୍ୟରୁ ଅନ୍ୟତ୍ର ଯିବା ଆରମ୍ଭ କଲେଣି। ଏହିଭଳି ଭାବରେ କରୋନା ମହାମାରୀ କାଳରେ ଆମ ଜୀବନ ଏକାନ୍ତ ଦୁର୍ବିସହ ହୋଇପଡିଛି। ଆମେ ହତୋତ୍ସାହ ହୋଇପଡୁଛୁ ପ୍ରତିଟି ମୁହୂର୍ତ୍ତରେ। ଆମର ଅର୍ଥନୀତି ଅବକ୍ଷୟମୁଖୀ ନିଶ୍ଚୟ। ଆମ ସରକାର ଏସବୁ ବିଷୟରେ ନିଶ୍ଚିତ ଅବଗତ ଅଛନ୍ତି। ଉଭୟ ଜୀବନ ଓ ଜୀବିକା ବଞ୍ଚାଇବାକୁ ଅନେକ ନୀତିଗତ ପଦକ୍ଷେପ ନେଉଛନ୍ତି। ଅନଲକ୍-୧, ୨, ୩ ଓ ୪ ମାଧ୍ୟମରେ ଅନେକ କଟକଣାକୁ କୋହଳ କରି ଆର୍ଥିକ ମନ୍ଦାବସ୍ଥାକୁ ସୁଧାରିବାକୁ ଚେଷ୍ଟା କରୁଛନ୍ତି। ଏଇ ଏବେ ସେପ୍ଟେମ୍ବର ମାସରୁ ଆରମ୍ଭ ହୋଇଛି ଅନଲକ-୪ପ୍ରକ୍ରିୟା, ଯାହାର ନିର୍ଦ୍ଦେଶାବଳୀ ମଧ୍ୟରେ ଦେଶ ମଧ୍ୟରେ କୌଣସି ଲକଡାଉନ କିମ୍ବା ସଟଡାଉନର ବ୍ୟବସ୍ଥା ନାହିଁ। ରାଜ୍ୟ ବାହରୁ ଯିବାଆସିବାରେ କୌଣସି କଟକଣା ନାହିଁ। ଏହାଦ୍ୱାରା ସଂକ୍ରମଣ ବୃଦ୍ଧି ପାଇବାର ସମ୍ଭାବନା ସୃଷ୍ଟିହୋଇଛି। ଅବଶ୍ୟ ସ୍ଥିତି ନୀରିକ୍ଷଣ କରି କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ରାଜ୍ୟ ସରକାର ଚାହିଁଲେ ଏଭଳି କୌଣସି ପଦକ୍ଷେପ ନେଇପାରିବା ବୋଲି କୁହାଯାଇଛି। ହୋଟେଲ ଶିଳ୍ପ, ମଲ୍ଲ ପ୍ରଭୃତି କାର୍ଯ୍ୟ ଆରମ୍ଭ କରିଛି। ମାଲ୍ ପରିବହନ ସହିତ ଅନ୍ତଃରାଜ୍ୟ ଯାତ୍ରୀ ପରିବହନ ଉପରେ ସରକାର ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି। ଅନଲକ୍-୪ ର ମୁଖ୍ୟ ଲକ୍ଷ୍ୟ ହେଉଛି ମହାମାରୀ ପ୍ରପୀଡିତ ଏକ ଜରାକୀର୍ଣ୍ଣ ମାନ୍ଦା ଅର୍ଥ ବ୍ୟବସ୍ଥାକୁ ଉଜ୍ଜୀବିତ କରାଇବା ଓ ଏକ ନିଶ୍ଚିତ ଆର୍ଥିକ ଦୁଃସ୍ଥିତିରୁ ଦେଶକୁ ଆଗେଇ ନେବା। ଏହାଦ୍ୱାରା ଜନସାଧାରଣଙ୍କ ଜୀବନ ଜୀଇଁବାରେ ବିଶେଷ କିଛି ଅସୁବିଧା ହେବନାହିଁ। ସାଧାରଣ ଗରିବ ଶ୍ରେଣୀର ଲୋକମାନେ ନିଜ ନିଜର ଜୀବିକା ପ୍ରତି ଧ୍ୟାନ ଦେଇପାରିବା ସହିତ କରୋନା ବିରୁଦ୍ଧରେ ଲଢେଇ ଜାରିରଖିପାରିବେ। ଏହାର ମାନେ ନୁହେଁ ଯେ ଆମେ କରୋନା ମୁକ୍ତ। ଆମେ ଏବେ ବି କରୋନାର କରାଳତା ଦେଇ ଗତି କରୁଛେ। ମହାମାରୀ ଦିନକୁ ଦିନ ତା'ର କାୟା ବିସ୍ତାର କରିଚାଲିଛି। ସମଗ୍ର ଦେଶ ତଥା ଆମ ରାଜ୍ୟ ଓଡିଶାରେ ସଂକ୍ରମଣ ସହିତ ମୃତ୍ୟୁସଂଖ୍ୟା ଦିନକୁ ଦିନ ଦ୍ରୁତବେଗରେ ବୃଦ୍ଧି ପାଇବାରେ ଲାଗିଛି। ସ୍କୁଲ, କଲେଜ ଇତ୍ୟାଦି ଶିକ୍ଷାନୁଷ୍ଠାନ ଅଦ୍ୟାବଧି ବନ୍ଦ ହୋଇ ରହିଛି। କେବେ ଶିକ୍ଷାନୁଷ୍ଠାନ ଖୋଲିବ ତାହାର ସଠିକ ଉତ୍ତର କାହା ପାଖରେ ନାହିଁ। ଅଗଣି ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଅନ୍ଧକାର ଆଡକୁ ଗତି କରୁଛି। ନୂଆ ନିଯୁକ୍ତି ଉପରେ କଟକଣା ମଧ୍ୟ ଲଗାଯାଇଛି। ତଥାପି ସକଳ ଅନିଶ୍ଚିତତା ସତ୍ତ୍ୱେ ଆମକୁ ଜୀବନ ଜୀଇଁବାକୁ ପଡିବ। ଏହାର ଅର୍ଥ ବେପାରୁଆ ଜୀବନ ଯାବନ ନୁହେଁ। ଏଣିକି ପରିସ୍ଥିତି ଆହୁରି ଭୟଙ୍କର। ଏବେ ଆମେ କେହି ଗୃହବନ୍ଦୀ ନୁହଁ। ପୋଲିସ ପ୍ରଶାସନ ଲାଠିମାଡର ବି ଏତଟା ଭୟ ନାହିଁ। ରାଜ୍ୟ ଅବା ସ୍ଥାନୀୟ ପ୍ରଶାସନର ଆଉ କୌଣସି ଆଖିଦୃଷ୍ଟିଆ କଡା ଆଇନ କାନୁନ ନାହିଁ। ବର୍ତ୍ତମାନ ଏକ ବଡ ପ୍ରଶ୍ନ ଆମ ସମସ୍ତଙ୍କ ନିକଟରେ ଯେ ଏଭଳି ପରିସ୍ଥିତିରେ ଆମେ କେତେଦୂର ସୁରକ୍ଷିତ ରହିପାରିବା ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିପାରିବା? ମୋ ମତରେ ଏହାର ଏକ ସହଜ ଓ ସରଳ ଉତ୍ତର ହେଉଛି ଆମେ ନିଜେ ହିଁ ଆମର ରକ୍ଷାକର୍ତ୍ତା। ଆମେ ଚାହିଁଲେ ନିଜକୁ ସୁରକ୍ଷିତ ରଖିବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ଦେଇପାରିବା। ଆଗରୁ ସରକାର ଯାହା ବୁଝିଥିଲେ ଓ ବୁଝାଉଥିଲେ ଏବେ ସେ ଦାୟିତ୍ୱ ଆମ ସମସ୍ତଙ୍କର। ଆମେ ସମସ୍ତେ ଯେ କରୋନା ଯୁଦ୍ଧରେ ଜଣେ ଜଣେ ଯୋଦ୍ଧା ଏକଥା ନିଶ୍ଚୟ ମନେ ରଖିବାକୁ ପଡିବ। ପ୍ରଥମ ଓ ସର୍ବ ପ୍ରଧାନ କର୍ତ୍ତବ୍ୟ ହେଉଛି ଆମେ ଅଧିକରୁ ଆହୁରି ଅଧିକ ସଚେତନ ହେବା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସମୟୋଚିତ ନିର୍ଦ୍ଦେଶାବଳୀଗୁଡିକୁ ଆନ୍ତରିକ ଓ ଦାୟିତ୍ୱର ସହିତ ଅନୁଶୀଳନ ଓ ଅନୁପାଳନ କରିବାର ଆବଶ୍ୟକତା ରହିଛି ନିଜ ନିଜର କର୍ମକ୍ଷେତ୍ରରେ କାର୍ଯ୍ୟ କରୁଥିବାବେଳେ ଆମକୁ ସରକାରୀ ନିର୍ଦ୍ଦେଶଗୁଡିକୁ ପୂର୍ଣ୍ଣମାତ୍ରାରେ ମାନିବାକୁ ପଡିବ। ମାସ୍କ ପିନ୍ଧିବା ସହିତ, ବାରମ୍ବାର ହାତଧୋଇବା ଓ ସାମାଜିକ ଦୂରତ୍ୱ ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ପଡିବ। କୌଣସି କିଛି ଜରୁରୀ କାର୍ଯ୍ୟ ନଥିଲେ ଅଯଥାରେ ବାହାରେ ଗହଳି ନକରିବା ଏକାନ୍ତ ବିଧେୟ। ଏହା ସହିତ ବୟସ୍କ ଲୋକମାନଙ୍କର ଯତ୍ନ ନେବା ନିହାତୀ ଜରୁରୀ। ଏହାଦ୍ୱାରା ଆମେ ସଂକ୍ରମଣକୁ ସହଜରେ ଏଡାଇ ଦେଇପାରିବା। ଯାହାଫଳରେ ଉଭୟ ଜୀବନ ଓ ଜୀବିକା ସୁରକ୍ଷିତ ହୋଇ ପାରିବା। ଏହା ବ୍ୟତୀତ ସବୁଠାରୁ ଗୁରୁତ୍ୱପୂ ବିଷୟ ଏହିକି ଯେ ଯଦି କାହାଠାରେ ରୋଗର ଲକ୍ଷଣ ପ୍ରକାଶ ପାଏ ତେବେ ଉପଯୁକ୍ତ ଉପଚାର ପାଇଁ ସରକାରୀ ବିଧିବ୍ୟବସ୍ଥା ଉପରେ ତୁରନ୍ତ ନିର୍ଭର କରିବାକୁ ପଡିବ। ଅର୍ଥାତ ଆମେ କେହି ରୋଗ ଲୁଚେଇବାକୁ ଚେଷ୍ଟା ବି କରିବା ନାହିଁ। ଏହାଦ୍ୱାରା ଆମେ ସୁରକ୍ଷିତ ହେବା ସହିତ ଆମ ପରିବାର, ପଡୋଶୀ, ସାହି, ଗ୍ରାମ, ଅଂଚଳ, ସହର, ବଜାର, ରାଜ୍ୟ, ଦେଶ ତଥା ସମଗ୍ର ବିଶ୍ୱକୁ ମଧ୍ୟ ସୁରକ୍ଷିତ ରଖିପାରିବା। କରୋନା ମହାମାରୀକୁ ନେଇ ଅନେକ ହୃଦୟ ବିଦାରକ ଦୃଶ୍ୟ ଅଳ୍ପ ବହୁତ ଆମ ଦୃଷ୍ଟିକୁ ଆସୁଛି। ଅତି ରୋଚକ ତଥ୍ୟ ମଧ୍ୟ ଆମ ଆଗକୁ ଆସୁଛି। ମହାମାରୀର ଆଳରେ ଆମେ ଯେପରି ଆମର ମାନବିକତା ହରାଇବାକୁ ବସିଲୁଣି। ଦିନକୁ ଦିନ ଅତ୍ୟନ୍ତ ଅମାନବୀୟ ଆଚରଣ ବୃଦ୍ଧି ପାଇବାରେ ଲାଗିଛି। ତାହା ଅତ୍ୟନ୍ତ ଦୁଃଖ ଦାୟକ ଓ ନିନ୍ଦନୀୟ ମଧ୍ୟ। ଆମେ ଜଣେ ଜଣେ ଯେ ସାମାଜିକ ଜୀବ ମଣିଷ ଏକଥା ହୁଏତ ଭୁଲିଯିବାକୁ ବସିଲୁଣି। ସ୍ନେହ, ଶ୍ରଦ୍ଧା, ଭଲ ପାଇବା, ସେବା, ସହଯୋଗ ଇତ୍ୟାଦି ମହନୀୟ ଗୁଣାବଳୀ ସତେ ଯେମିତି ଆମ ସଂସ୍କୃତି ଆସ୍ତେ ଆସ୍ତେ ଲୋପ ପାଇବାକୁ ଲାଗିଲାଣି। ଏ ଘଡିସନ୍ଧି ମୁହୂର୍ତ୍ତରେ ଆମ ସମସ୍ତଙ୍କୁ ଗୋଟିଏ କଥା ମନେ ରଖିବାକୁ ହେବ ଯେ ଆମର ବଡ ଶତ୍ରୁ ରୋଗ। ରୋଗୀ ନୁହେଁ। ଆମେ ରୋଗକୁ ଘୃଣା କରିବା କିନ୍ତୁ ରୋଗୀକୁ ନୁହେଁ। ହୁଏତ ଆଜିର ପରିସ୍ଥିତି ଆସନ୍ତାକାଲିକୁ ନ ଥାଇପାରେ। ରୋଗ ଚାଲିଯିବ। ମାତ୍ର ଆମ ଭିତରେ ସୃଷ୍ଟି ଛୁଆଁ ଅଛୁଆଁ, ସାମାଜିକ ବାସନ୍ଦଳ ଘୃଣା ତଥା ନୀଚ ମନୋଭାବ, ଭୟସଙ୍କୁଳ ପରିବେଶ ଇତ୍ୟାଦି ଆମ ଭାରତୀୟ ସଂସ୍କୃତିର ଯେ ପରିପନ୍ଥୀ ଏ କଥା ଆମକୁ ସର୍ବାଧିକ ଧ୍ୟାନ ଦେବାକୁ ପଡିବ। କରୋନା ମହାମାରୀ ପରର ସାମାଜିକ ଅବସ୍ଥାର ଚିତ୍ର ଯେ କେତେଭୟଙ୍କର ତାହା ବିଚାରଯୋଗ୍ୟ ନିଶ୍ଚିତଚୟ। ଏଥିପ୍ରତି ଆମକୁ ବିଶେଷ ସଜାଗ ରହିବାକୁ ପଡିବ। ନଚେତ ଖସିଯିବା ଗୋଡ ତଳକୁ ତଳକୁ ନ୍ୟାୟରେ ଆମେ ସମସ୍ତେ ରସାତଳଗାମୀ ହୋଇଯିବା। ଆମକୁ କାୟ ମନ ବାକ୍ୟରେ ସଂଗଠିତ ହେବାକୁ ପଡିବ। ଆମ ତଥା କଥିତ ସାନସିକତାରେ ପରିବର୍ତ୍ତନ ଆଣିବାକୁ ପଡିବ। ଭୟ ଛାଡି ସାହାସ ସାଉଁଟିବାକୁ ପଡିବ। ଅନ୍ତଃଶକ୍ତିକୁ ଏକଜୁଟ କରିବାକୁ ପଡିବ। ଅଣ୍ଟାଭିଡି ଏକ ନିମ୍ନମୁଖୀ ଦୁଃସ୍ଥ ସମାଜକୁ ସଜାଡିବାକୁ ପଡିବ ଉଭୟ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ। କାରଣ ଆମ ପାଇଁ ଉଭୟ ମୂଲ୍ୟବାନ। ଭାଇଚାରାର ପବିତ୍ର ମନୋଭାବନାକୁ ଉଜ୍ଜୀବିତ କରିବାକୁ ପଡିବ। ବିଭିନ୍ନତା ମଧ୍ୟେ ଏକତାର ମହାନ ମନ୍ତ୍ର ସବୁରି କର୍ଣ୍ଣ ଗହ୍ୱରେ ପ୍ରତିଧ୍ୱନିତ୍ୱ କରିବାର ବଜ୍ର ଶପଥ ନେବାକୁ ପଡିବ। ସତ କହିବାକୁ ଗଲେ ଆମକୁ କରୋନା ଭିତରେ ବଂଚିବାର କଳା ଶିଖି ଜୀବନ ଆଗେଇବା ନେବାକୁ ପଡିବ। ତେବେ ଯାଇ ଆମେ ପୁନଶ୍ଚ ସଳଖ ହୋଇ ଛିଡାହୋଇପାରିବା ଓ ନିଜେ ବଂଚିବା ସହିତ ଅନ୍ୟମାନଙ୍କୁ ବଂଚାଇପାରିବା। (ସମାପ୍ତ)

+ ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୯୧

ମଳମାସ କ'ଣ ଓ କାହିଁକି

ଡକ୍ଟର ଶ୍ରୀହରି ପଣ୍ଡା

ସାଧାରଣତଃ ପ୍ରତ୍ୟେକଟି ହିନ୍ଦୁ ମାନିନେଇଥାଏ ଯେ ମଳମାସରେ ସମସ୍ତ ଶୁଭକର୍ମ ବର୍ଜନୀୟ । ସେଥିପାଇଁ ଏହି ମାସରେ କୌଣସି ଶୁଭକର୍ମ କରାଯାଇନଥାଏ । ମାତ୍ର ମନରେ ସ୍ୱତଃ ପ୍ରଶ୍ନ ଆସେ ଯେ ବର୍ଷକର ବାରମାସ ମଧ୍ୟରେ ତ ମଳମାସ ବୋଲି କିଛି ନାହିଁ ତେଣୁ ଏମାସ କଉଠୁ ଆସିଲା । ଆଜି ସେ ସମ୍ପର୍କରେ ଆଲୋଚନା କରିବା । ମଳମାସକୁ ଅଧିକମାସ ବୋଲି କୁହାଯାଏ । ଏହାକୁ ଇଂରାଜୀରେ ଡାର୍ଟି ମାସ ବୋଲି କହନ୍ତି । ବୈଦିକ କର୍ମକାଣ୍ଡରେ ଏହି ମାସରେ କୌଣସି ଦେବତା ନଥିବାରୁ ଏହି ମାସରେ ଧର୍ମାନୁଷ୍ଠାନରୁ କୌଣସି ଫଳ ମିଳିନଥାଏ, କିନ୍ତୁ ବାସ୍ତବରେ ଏହି ମଳମାସ ବା ଅଧିକ ମାସ ହେଉଛି ପ୍ରତ୍ୟେକଙ୍କ ପାଇଁ ଧର୍ମ କରିବାର ମାସ କାରଣ ଏହି ମାସରେ ଧର୍ମକଲେ ମନୁଷ୍ୟ ଶରୀର ସଞ୍ଚିତ ସମସ୍ତ ପାପ ବା ମଳ ଧୋଇ ହୋଇଯାଏ ଏବଂ ମନୁଷ୍ୟ ପାପରୁ ମୁକ୍ତ ହୋଇଥାଏ । ଭାରତବର୍ଷର ବର୍ଷ ଗଣନା ଦୁଇ ପ୍ରକାର ହୋଇଥାଏ, ଗୋଟିଏ ସୂର୍ଯ୍ୟ ସିଦ୍ଧାନ୍ତ ଏବଂ ଅନ୍ୟଟି ଚନ୍ଦ୍ର ସିଦ୍ଧାନ୍ତ । ସୂର୍ଯ୍ୟଙ୍କ ଗଣନା ଅନୁଯାୟୀ ସଂକ୍ରାନ୍ତିରୁ ସଂକ୍ରାନ୍ତିକୁ ଏକମାସ ଏବଂ ବାର ସଂକ୍ରାନ୍ତିରେ ଏକ ବର୍ଷ ହୋଇଥାଏ । ଚନ୍ଦ୍ର ଗଣନା ଅନୁସାରେ ପୂର୍ଣ୍ଣମୀରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଅର୍ଥାତ୍ ମଝିରେ ଅମାବାସ୍ୟ ଏବଂ ତିଥି ଯଥା- ପ୍ରତିପଦା, ଦ୍ୱିତୀୟା ଇତ୍ୟାଦି ହୋଇ ଅମାବାସ୍ୟା ଯାହା ପକ୍ଷ ନାମରେ ନାମିତ(ମାସକରେ ଦୁଇ ପକ୍ଷ) ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏକମାସ ଏବଂ ବାରମାସରେ ବର୍ଷ ପୂରଣ ହୋଇଥାଏ । ସୂର୍ଯ୍ୟଙ୍କ ଚଳନ ସହ ଚନ୍ଦ୍ରମାଙ୍କର ଚଳନ ସମାନ ହୋଇନଥିବାରୁ ବିଶେଷତଃ ଚନ୍ଦ୍ରମାଙ୍କର ଗତି ଧୀର ହୋଇଥିବାରୁ ଚନ୍ଦ୍ରଙ୍କର ଏକମାସ ୨୯ ଦିନ ୧୪ ଘଣ୍ଟାରେ ପୂର୍ଣ୍ଣ ହୋଇଥାଏ । ଏଣୁ ଚନ୍ଦ୍ରମାଙ୍କ ଏକ ବର୍ଷ ୩୫୪ ଦିନରେ ପୂର୍ଣ୍ଣ ହୋଇଯାଉଥିବା ସମୟରେ ସୂର୍ଯ୍ୟ ସିଦ୍ଧାନ୍ତ ଅନୁସାରେ ସୂର୍ଯ୍ୟଙ୍କର ବର୍ଷ ୩୬୫ ଦିନ ୬ ଘଣ୍ଟା ହୋଇଥାଏ । ଏଣୁ ଏହି ଅସଙ୍ଗତିକୁ ଦୂର କରିବା ନିମନ୍ତେ ପ୍ରତ୍ୟେକ ୩ ବର୍ଷରେ ଥରେ ବା ୩୨ ମାସ ୧୬ ଦିନ ଆଠ ଘଡ଼ି (୩ ଘ

ସମୁଦ୍ର ପାଣିରୁ ଉଦ୍‌ଯାନ ଇନ୍ଧନ

ୟୁନିଭର୍ସିୟଟି ଅଫ ସେଣ୍ଟ୍ରାଲ ଫ୍ଲୋରିଡ଼ାର ଗବେଷକମାନେ ଏକ ପ୍ରକାରର ଅତି ସୂକ୍ଷ୍ମ ପଦାର୍ଥ ବା ନାନୋମାଟେରିଆଲ ବିକଶିତ କରିଛନ୍ତି, ଯାହା ଦ୍ୱାରା ସମୁଦ୍ର ପାଣିରୁ ଉଦଯାପନ ଇନ୍ଧନ ମିଳିବ। ଏଥିପାଇଁ ସୌର ଶକ୍ତି ଉଦଯୋଗ କରାଯିବ। ଏହାର ଉତ୍ପାଦନ ଖର୍ଚ୍ଚ ସାଧାରଣ। ଏହି ଇନ୍ଧନ ସ୍ୱଚ୍ଛ ଏବଂ ଜୀବାଶ୍ମ ଇନ୍ଧନରେ ବିକଳ୍ପ ଭାବେ ବ୍ୟବହୃତ ହେବ। ଅର୍ଥାତ୍, ଏହାଦ୍ୱାରା ଗାଡ଼ି-ମୋଟର ଚଳିବ। ପରିବେଶ ଏତେଟା ପ୍ରଦୂଷିତ ହେବନାହିଁ। ଏହି ଇନ୍ଧନକୁ ଗଚ୍ଛିତ କରିବା ଏବଂ ପରିବହନ ସହଜ।

ପିଲାଙ୍କୁ ସ୍ୱାଇନ ଫ୍ଲୁ ଉପଚାର



ଆପଣ ପିଲାକୁ ଜ୍ୱର ସହ ସର୍ଦ୍ଦି ଏବଂ ଥଣ୍ଡାକାଶ ଲାଗିରହୁଛି କି, ନାକରୁ ପାଣି ଗଡ଼ିବା ସହ ତଣ୍ଟି ଦରଜ ଓ ମୁଣ୍ଡ ଯନ୍ତ୍ରଣା ଅନୁଭବ କରୁଛି କି ? ହାଲିଆ ଲାଗିବା ସହ ପତଳା ଝାଡ଼ା, ବାନ୍ତି, ଆଖି ନାଲି ପଡ଼ିଯାଉଛି କିଏ ସତର୍କ ରହନ୍ତୁ। ଏହା ସ୍ୱାଇନଫ୍ଲୁର ଲକ୍ଷଣ ହୋଇପାରେ। ସ୍ୱାଇନଫ୍ଲୁ କ୍ଷେତ୍ରରେ ଅତ୍ୟନ୍ତ ସତର୍କତାର ସହ ପିଲାଙ୍କ ଉପଚାର କରାଇବା ଉଚିତ। ପିଲା ଭଲ ଭାବେ ଶ୍ୱାସ-ପ୍ରଶ୍ୱାସ ନେବା ସହ ଶାରୀରିକ ବ୍ୟାୟାମ କରୁଥିଲେ ଭଲ, କାରଣ ଏହାଦ୍ୱାରା ସେମାନଙ୍କର ସ୍ୱାଇନଫ୍ଲୁ ଆକ୍ରାନ୍ତର ମୁଖ୍ୟ ସ୍ଥଳ କୁହାଯାଉଥିବା ଫୁସଫୁସର ସକ୍ରିୟତା ଓ କାର୍ଯ୍ୟ ଦକ୍ଷତା ବଢ଼େ। ପିଲାକୁ ଉଷୁମ କ୍ଷୀର ଏବଂ ପାଣି ପିଇବାକୁ ଦିଅନ୍ତୁ। ଉଷୁମ ପାଣିରେ ଗାଧୋଇଦିଅନ୍ତୁ। ପିଲାମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରହିବାକୁ ଅଭ୍ୟାସ କରାନ୍ତୁ। ସାବୁନରେ ହାତଧୋଇବାକୁ କହନ୍ତୁ। ଏ ସମୟରେ ପିଲାମାନଙ୍କୁ ପାଠପଢ଼ାର ଚାପଠାରୁ ଦୂରେଇ ରଖିବା ଭଲ। ତରଳ, ସୁଷମ ଓ ଗରମ ଖଶଦ୍ୟ ଦେବା ସହ ପ୍ରଚୁର ପରିମାଣରେ ବିଶୋଧିତ ପାଣି ପିଇବାକୁ ଦିଅନ୍ତୁ। ପିଲାଟି ଯେଭଳି ସଠିକ୍ ଭାବେ ବିଶ୍ରାମ ନିଏ, ଦୃଷ୍ଟିଦିଅନ୍ତୁ। ଅଳିଆ ଆବର୍ଜନା ସ୍ଥାନ, ସନ୍ତସନ୍ତିଆ ପରିବେଶ, ନାଳ, ଖତଗଦା ଜମିବାଫିର ଅବ୍ୟବହୃତ ଜଳ, ପଙ୍କ କାଦୁଅ ପରିବେଶ ଠାରୁ ଦୂରେଇ ରଖନ୍ତୁ। ଗହଳି ସ୍ଥାନକୁ ଛାଡ଼ନ୍ତୁ ନାହିଁ। ଯିବାର ଆବଶ୍ୟକତା ଥିଲେ ମାସ୍କ ବା ରୁମାଲ ବାନ୍ଧିବା ପାଇଁ ଦିଅନ୍ତୁ। ଏ ସମୟରେ ପିଲାଟିର ସର୍ଦ୍ଦିଥିଲେ ବା ନାକରୁ ଶିଙ୍ଘାଣି ବୋହୁଥିଲେ ସଫା ଶୁଖିଲା କପଡ଼ାରେ ପୋଛି, କପଡ଼ାକୁ ଗରମ ପାଣିରେ ସିଝାଇ ଶୁଖାନ୍ତୁ। ସ୍ୱାଇନ୍‌ଫ୍ଲୁ ହୋଇଥିବା ବଡ଼ ଲୋକଙ୍କ ଠାରୁ ଯେପରି ପିଲାଟି ନିରାପଦ ଦୂରତାରେ ରହେ, ଦୃଷ୍ଟି ରଖନ୍ତୁ। ଘୁଷୁରି ପଲଠାରୁ ଦୂରରେ ରହନ୍ତୁ। ଭୋଟି ପରିବେଶ ଠାରୁ ଦୂରେଇ ରଖିବା ଭଲ। ଫାଷ୍ଟଫୁଡ୍ ଆଇସକ୍ରିମ, ଗୁପ୍‌ଚୁପ ଖାଦ୍ୟ ଠାରୁ ପିଲାକୁ ଦୂରେଇ ରଖନ୍ତୁ। ଛିଙ୍କ ବା କାଶ ଆସିଲେ ମୁହଁରେ ରୁମାଲ କିମ୍ବା ଟିସୁ ପେପର ବ୍ୟବହାର କରିବା ଅଭ୍ୟାସ ଶିଖାନ୍ତୁ। ପିଲାଟି ଯେପରି ସଂକ୍ରମିତ କୌଣସି ପଦାର୍ଥ ବା ଅନ୍ୟ କାହା ସଂସ୍ପର୍ଶରେ ନ ଆସେ, ସତର୍କ ଦୃଷ୍ଟି ରଖନ୍ତୁ। ସ୍ୱାଇନ୍ ଫ୍ଲୁକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। ପିଲାଟିର କୌଣସି ପ୍ରାଥମିକ ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ। ନିଜେ ଭୟଭୀତ ହୁଅନ୍ତୁ ନାହିଁ କିମ୍ବା ନିଜ ପିଲାମନରେ କୌଣସି ଆଶଙ୍କା ସୃଷ୍ଟି କରନ୍ତୁନାହିଁ।

ବିନ୍ଦି କାହିଁକି ?

ଯୁବତୀଙ୍କ ମଥାରେ ବିନ୍ଦି ସେମାନଙ୍କ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଥାଏ । ଏହି ବିନ୍ଦି କେବଳ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ନୁହେଁ, ଏଥିରୁ ଆହୁରି ଅନେକ ଲାଭ ମିଳିଥାଏ । କୌଣସି ବାଳିକାର ମଥାରେ ବିନ୍ଦି ଚକଚକ୍ କରୁଥିଲେ ତାହା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଏହାର ଆକର୍ଷଣରୁ କେହି ବର୍ତ୍ତି କାରନ୍ତିନି । ବାଳିକାମାନେ ନିଜର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିନ୍ଦି ଲଗାଇୁଥିବା ବେଳେ ମହିଳାମାନଙ୍କ ପାଇଁ ଏହା ସଧବାର ସଂକେତ । ହିନ୍ଦୁ ଧର୍ମରେ ବିବାହ ପରେ ପ୍ରତି ମହିଳା ମଥାରେ ଲାଲ ବିନ୍ଦି ଲଗାଇବା ଏକ ପରମ୍ପରା । ବିନ୍ଦିର ସମ୍ପର୍କ ଆମ ମନ ସହିତ ମଧ୍ୟ ଥାଏ । ଯୋଗ ଶାସ୍ତ୍ର ଅନୁସାରେ ଯେଉଁଠାରେ ବିନ୍ଦି ଲଗାଯାଏ ତାହା ଆଜ୍ଞା ଚକ୍ରର ସ୍ଥାନ । ଏହି ଚକ୍ର ଆମ ମନକୁ ଏକାଗ୍ର କରାଇବା ପାଇଁ କରାଇବା ପାଇଁ ଏହି ଚକ୍ର ଉପରେ ଚାପ ଚାପ ପ୍ରୟୋଗ କରାଯାଇଥାଏ । ବିନ୍ଦି ଲଗାଇବା ପରମ୍ପରା ଆଜ୍ଞା ଚକ୍ର ଉପରେ ଚାପ ପ୍ରୟୋଗ କରାଯାଇଥାଏ । ବିନ୍ଦି ଲଗାଇବା ପରମ୍ପରା ଆଜ୍ଞା ଚକ୍ର ଉପରେ ଚାପ ପ୍ରୟୋଗ ପାଇଁ ଆରମ୍ଭ ହୋଇଥିଲା । ଯାହାକି ମନକୁ ଏକାଗ୍ର ରଖିବାରେ ସାହାଯ୍ୟ କରିଥାଏ । ମହିଳାଙ୍କ ମନ ଅତି ଚଞ୍ଚଳ ହୋଇଥାଏ । ସେମାନଙ୍କ ମନକୁ ନିୟନ୍ତ୍ରିତ ଓ ସ୍ଥିର ରଖିବା ପାଇଁ ବିନ୍ଦି ଲଗାଇବା ସବୁଠାରୁ ବଡ଼ ଉପାୟ । ଏହାଦ୍ୱାରା ସେମାନଙ୍କର ମନ ଶାନ୍ତ ଓ ଏକାଗ୍ର ରହିଥାଏ



ଗର୍ଭାବସ୍ଥାରେ ଡେଙ୍ଗୁ

୨. ଅଭିଘାତ ନଥିବା ହେମରେଜିକ ଡେଙ୍ଗୁଜ୍ୱର: ଗୋଟିଏରୁ ଅଧିକ ଡେଙ୍ଗୁ ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଲେ ଗୁରୁତର ଡେଙ୍ଗୁ ଜ୍ୱର ହୋଇଥାଏ। ସାଧାରଣତଃ ଦୁଇ ଦୁଇଥର ଡେଙ୍ଗୁ ଭୂତାଣୁ ସଂକ୍ରମଣ ଦ୍ୱାରା ଏହା ହୋଇଥାଏ।

ଲକ୍ଷଣ: ମଶାକାମୁଡ଼ିବାର ୪-୬ଦିନ ପରେ ଭୀଷଣ ଜ୍ୱର ହେବା ସହ ମୁହଁ ଲାଲ ପଡ଼ିଯାଏ। ଏଥିରେ ଭୋକ ନଲାଗିବା ସହ ବାନ୍ତି, ପେଟବ୍ୟଥା ଆରମ୍ଭ ହୋଇଥାଏ। ଏହି ପ୍ରକାରର ଡେଙ୍ଗୁ ଜ୍ୱରରେ ରକ୍ତରେ ହିମାଟୋକ୍ରିଟ ମୂଲ୍ୟ ବଢ଼ିଯାଏ ଏବଂ ପ୍ଲେଲଟଲେଟ କମିଯାଏ। ଏହା ଏକଲକ୍ଷରୁ କମି ବେଳେବେଳେ ୨୫, ୩୦ ହଜାର ହୋଇଥାଏ। କେତେକଙ୍କ ନାମ ଏବଂ ପାଟିରୁ ରକ୍ତସ୍ରାବ ହୋଇଥାଏ।

୩. ଅଭିଘାତ ସହ ହେମରେଜିକ ଡେଙ୍ଗୁଜ୍ୱର:

ଏଥିରେ ଉପରୋକ୍ତ ସମସ୍ତ ଲକ୍ଷଣ ସହ କ୍ଷୀଣ ଓ ନାଡ଼ି ଓ ରକ୍ତଚାପ କମିଯାଇ ରୋଗୀର ଦେହ ଥଣ୍ଡା ହୋଇଯାଇ ଶକ୍ ହୋଇଥାଏ।

ଗର୍ଭାବସ୍ଥାରେ ରୋଗ ପ୍ରତିରୋଧକ ଶକ୍ତି କମିଯାଉଥିବାରୁ ଗର୍ଭବତୀ ନାରୀମାନେ ଖୁବ ଶୀଘ୍ର ରୋଗ ସଂକ୍ରମଣରେ ଶିକାର ହୋଇଥାନ୍ତି। ତେଣୁ ସେମାନେ ଏହି ଡେଙ୍ଗୁ ରୋଗରେ ମଧ୍ୟ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ଡେଙ୍ଗୁ ଭୂତାଣୁ ଦ୍ୱାରା ଆକ୍ରାନ୍ତ ଗର୍ଭବତୀ ମହିଳାଙ୍କର ଅତ୍ୟଧିକ ଜ୍ୱର ହେବା ଯୋଗୁଁ ପ୍ରଥମ ତିନିମାସରେ ଗର୍ଭପାତ ହେବାର ଭୟଥାଏ। ଏହାଛଡ଼ା ଅପରିଣତ ଶିଶୁ ଜନ୍ମ ହୋଇଥାଏ। ଗର୍ଭସ୍ଥ ଶିଶୁର ଓଜନ କମ ହେବା ସହ ଶିଶୁ ମୃତ୍ୟୁ ମଧ୍ୟ ହୋଇଥାଏ। ତେବେ ଗର୍ଭବତୀ ନାରୀକୁ ଯଦି ହେମରେଜିକ ଡେଙ୍ଗୁ ହୋଇଥାଏ, ତେବେ ଅଧିକାଂଶ କ୍ଷେତ୍ରରେ ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ।

ଉପକାରୀ ଗହମ ଘାସ

ଶରୀରରୁ ବର୍ଜ୍ୟପଦାର୍ଥ ବାହାର କରିବା ସହ ସୁସ୍ଥ ରହିବା ପାଇଁ ଗହମ ଘାସ ବା ପତ୍ରର ରସ ପିଅନ୍ତୁ। ପ୍ରତି ଚାରି-ଛଅମାସରେ ଥରେ ସାତରୁ ପନ୍ଦର ଦିନ ଏହି ରସ ପାନ କରନ୍ତୁ। ଏହି ରସ ପାନ ସମୟରେ କେବଳ ଫଳ-ମୂଳ ଓ ପନିପରିବା ସିଝା ଖାଆନ୍ତୁ। ପ୍ରାଣାୟାମ ଓ ବ୍ୟାୟାମ କରନ୍ତୁ। ଉପଚାର ବେଳେ ଗହମ ପତ୍ର ରସ ସହ ଶାକାହାର କଲେ, ଶରୀରରେ କ୍ଷାର ସହ ଅମ୍ଳ ଅନୁପାତ ସନ୍ତୁଳିତ ରହେ। ଫଳରେ ମଣିଷ ହରାଇଥିବା ସ୍ୱାସ୍ଥ୍ୟ ଫେରିପାଏ। ଏତେଟା ଅସୁସ୍ଥ ନଥିଲେ ଦୈନିକ ଶହେ ମିଲିଗ୍ରାମ ରସ ଯଥେଷ୍ଟ। କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିଲେ, ଏହି ପରିମାଣ ପ୍ରତିଦିନ ପଚିଶ ମିଲଇଗ୍ରାମ ବଢ଼ାଇବେ। ୨୫୦ ମିଲିଗ୍ରାମରେ ପହଞ୍ଚିବା ପରେ, ଆଉ ବଢ଼ାଇବେ ନାହିଁ। ତେଇଶ କିଲୋଗ୍ରାମ ସବୁଜ ପନି-ପରିବାରୁ ଯେତିକି ପୋଷାକ ମିଳେ, ମାତ୍ର ଶହେ ମିଲିଗ୍ରାମ ଗହମ ପତ୍ର ରସରୁ, ସେତିକି ପୋଷାକ ମିଳେ। ଏଥିରୁ ମିଳେ କ,ଖ,ଗଘ ଜୀବସାର, କାଲସିଅମ, ସୋଡ଼ିଅମ, ଆଇରନ, ସଲଫର, କୋଡ଼ିଏ ପ୍ରକାରର ଆମିନୋ ଏସିଡ୍ ଓ ଲେଟରାଇଲ।

ଘରେଁ କୁଣ୍ଡରେ ଗହମ ଲଗାନ୍ତୁ। ଆଠ-ଦଶଟି କୁଣ୍ଡ ରଖନ୍ତୁ। ପ୍ରତି କୁଣ୍ଡରେ ପରିଷ୍କାର ମାଟି ଓଗୋବର ଖତ ମିଶାନ୍ତୁ। ଗୋଟିଏ ମଧ୍ୟମ ଧରଣର କୁଣ୍ଡ ପାଇଁ ଲୋଡ଼ା ଶହେ ଗ୍ରାମ ଗହମ। ଗହମ ପୋତି, ଛାଇରେ ରଖି, ନିୟମିତ ଠିକ ପରିମାଣର ପାଣି ଦେଲେ, ଆଠ ଦିନରେ ଛଅ ଇଞ୍ଚ ଉଚ୍ଚତାର ଗହମ ପତ୍ର ପାଇଯିବେ। ଏହାକୁ କାଟି, ରସ ବାହାରକରି ପିଇବେ।

ଶୁଦ୍ଧ ଅମ୍ଳଜାନ ଯୋଗାଉଥିବା ଯନ୍ତ୍ର

ବାୟୁ ପ୍ରଦୂଣେ ଅନେକ ଶିଳ୍ପ ସମୃଦ୍ଧ ଦେଶରେ ଏକ ମୁଖ୍ୟ ସମସ୍ୟା ପେଟ୍ରୋଲ-ଡିଜେଲ ଚାଳିତ ଯାନ-ବାହାନର ଅଧିକ ବ୍ୟବହାର ପରିସ୍ଥିତିକୁ ଆହୁରି ଦିଗାଡୁଛି । ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରଦୂଷିତ ବାୟୁକୁ ଶୁଦ୍ଧ କରିବା ପ୍ରଚେଷ୍ଟା ସର୍ବତ୍ର ଚାଲିଛି । ଏଥିପାଇଁ ନୂଆ ନୂଆ ଯନ୍ତ୍ର ବାହାରୁଛି । ଏବେ ଏକ ଜର୍ଜଆନ୍ ଉତ୍ପାଦନ ସଂସ୍ଥା ପକ୍ଷରୁ ଏକ ଅଭିନବ ଯନ୍ତ୍ର ବିକଶିତ କରାଯାଇଛି । 'ଟ୍ରିପେକସ' ଭାବେ ନାମିତ ଏହି ଛୋଟିଆ ଯନ୍ତ୍ରକୁ ମୁହଁରେ ଲଗାଇ, ବ୍ୟବହାର କରାଯାଇପାରିବ । ଏହା ଭିତରେ ଖଞ୍ଜାଯାଇଛି, ଜୀବନ୍ତ ଉଦ୍ଭିଦଜ କୋଷ ଭର୍ତ୍ତି କାଟ୍ରିଜ । ପତ୍ର ପ୍ରାକୃତିକ ଭାବେ ଅଙ୍ଗାରକାମ୍ଳ ଶୋଷି, ଶୁଦ୍ଧ ଅମ୍ଳଜାନ ଛାଡ଼ିଥାଏ । 'ଟ୍ରିପେକସ' ଠିକ୍ ପତ୍ର ଭଳି କାର୍ଯ୍ୟ କରିବ । ଏହା ଦ୍ୱାରା ଶୁଦ୍ଧ ଅମ୍ଳଜାନ ଶରୀରକୁ ଯିବ । ଏହି କଲେକଟ୍ରୋନିକସ ଯନ୍ତ୍ରକୁ ଅଧ ଘଣ୍ଟା ଚାର୍ଜ କରି, ଚବିଶ ଘଣ୍ଟା ବ୍ୟବହାର କରିହେବ । କାଟ୍ରିକ୍ ପୁରୁଣା ହୋଇଗଲେ, ବଦଳାଇହେବ ।

ସକାଳର କାମ

ଏବର ବ୍ୟସ୍ତଭରା ଜୀବନରେ ଲୋକଙ୍କର ଦୈନନ୍ଦିନ କାର୍ଯ୍ୟଶୈଳୀ ପ୍ରଭାବିତ ହେବା ସହ ପରିବର୍ତ୍ତନ ହୋଇଛି। କେବଳ ଭାରତ ନୁହେଁ, ପ୍ରାୟ ସମସ୍ତ ରାଷ୍ଟ୍ରରେ ଶୀଘ୍ର ଶଯ୍ୟା ତ୍ୟାଗ କରିବା ଏକ ଉତ୍ତମ ଦିନଚର୍ଯ୍ୟା ଭାବରେ ଗ୍ରହଣ କରାଯାଏ। ହେଲେ କାର୍ଯ୍ୟଭାରରେ ଯେପରି ଲୋକେ ଏହି କଥାକୁ ଭୁଲିବାକୁ ବସିଲେଣି। ସର୍ବେକ୍ଷଣରୁ ପ୍ରକାଶିତ ଯେ କେବଳ ଭାରତ ଓ ଜାପାନରେ କେତେକ ଅଂଚଳରେ ଲୋକେ ବର୍ତ୍ତମାନ ଭୋର ସମୟରେ ଶଯ୍ୟା ତ୍ୟାଗ କରୁଛନ୍ତି। ଭାରତରେ ଶୀଘ୍ର ଶଯ୍ୟା ତ୍ୟାଗ ନିୟମରେ ଦକ୍ଷିଣ ଭାରତୀୟ ସର୍ବାଗ୍ରେ ରହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏ ବାବଦରେ କେତେକ ତଥ୍ୟମାନ ପ୍ରକାଶ କରିଛନ୍ତି।

♦ ପରୀକ୍ଷାରୁ ଜଣାପଡ଼ିଛି ଯେ ସକାଳ ୮ଟା ପୂର୍ବରୁ ଶଯ୍ୟା ତ୍ୟାଗ କରୁଥିବା ଲୋକ ଖୁବ କମ୍ ଅବସାଦଗ୍ରସ୍ତ ହୋଇଥାନ୍ତି।

♦ ସକାଳୁ ଉଠି ବିଭିନ୍ନ ପ୍ରକାର ଘରୋଇ କାମ କଲେ ମସ୍ତିଷ୍କ କାର୍ଯ୍ୟକ୍ଷମ ହୋଇଥାଏ। ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକେ ପ୍ରତ୍ୟହ ସକାଳେ କିଛିକିଛି ଘର କାମ କଲେ ସେମାନେ ବେଶ୍ ଫୁର୍ତ୍ତି ଅନୁବ କରୁଥିବା ଗବେଷକମାନେ ପରୀକ୍ଷାରୁ ପ୍ରକାଶ କରିଛନ୍ତି।

♦ ଯୁବପିଢ଼ି ଶଯ୍ୟା ତ୍ୟାଗ କରି କିଛି ସମୟ ଧ୍ୟାନରେ ବସିବା ଉଚିତ। ଏପରି କଲେ ସେମାନଙ୍କ ଅବସାଦ କମ ହୋଇଥାଏ। ଶଯ୍ୟା ତ୍ୟାଗପରେ କିଛି ସମୟ ଛାତ ଉପରେ କିମ୍ବା ଖୋଲା ଜାଗାରେ ଭ୍ରମଣ କରିବା ଭଲ।

ମନ ନିୟନ୍ତ୍ରଣରେ ମିଳେ ଶାନ୍ତି

ମନଜୟ ନିମନ୍ତେ ରଚିତ ଯୋଗସୂତ୍ରରେ ବର୍ଣ୍ଣିତ ଅଷ୍ଟାଙ୍ଗ ଯୋଗର ପ୍ରଥମ ପାଦ 'ଯମ'ରେ ଅହିଂସା ପରେ 'ସତ୍ୟ' ରହିଛି।

ମନରେ ନିୟନ୍ତ୍ରଣ ଓ ମନର ବିଭିନ୍ନ ଭ୍ରାନ୍ତିରୁ ମୁକ୍ତି ହେବା ନିମନ୍ତେ ସତ୍ୟ ଅନୁସରଣ ଅପରିହାର୍ଯ୍ୟ। ସତ୍ୟନିଷ୍ଠ ହେଲେ ମନ ଆପେ ସ୍ଥିର ହୋଇଯାଏ। ଭୟ, ଭ୍ରାନ୍ତି ଓ ଉଦ୍‌ବେଗଜନକ ଦୂର ହୋଇ ଚିରନ୍ତନ ସୁଖ ଓ ଶାନ୍ତି ମିଳିଥାଏ। ଚରିତ୍ରର ପରିବର୍ତ୍ତନ କରି ସତ୍ୟନିଷ୍ଠ ହେବା ବା ସତ୍ୟପଥରେ ଚାଲିବା ସମ୍ଭବ। ଏଥିନିମନ୍ତେ ଚେଷ୍ଟା କରିବା ଦରକାର। ସତ୍ୟ ଚିନ୍ତନ, ସତ୍ୟ କଥନ ଓ ସତ୍ୟ ଆଚରଣ ଆଦି ଏହି ୩ଟି ସ୍ତରରେ ଆମକୁ ସାଧନା କରିବାକୁ ପଡ଼ିବ।

ଯେଉଁ କଥା ଯେମିତି ତାକୁ ଠିକ୍ ସେହି ଭାବେ ଦେଖିବା ଓ ବୁଝିବା ହିଁ ଉପଲବ୍ଧି। ଏହାଛଡ଼ା ବୃହତ୍ତର ସ୍ୱାର୍ଥ ନିମନ୍ତେ କରାଯାଉଥିବା କାର୍ଯ୍ୟ ହିଁ ସତକର୍ମ। କଥାଟି ଠିକ୍‌ଭାବେ ବୁଝିବା ନିମନ୍ତେ ଏକ ଉଦାହରଣ ଦିଆଯାଇପାରେ। ଆପଣ ଏକ ରାସ୍ତାର ଦୋଛକିରେ ବସିଛନ୍ତି। ଗୋଟି, ଝିଅ ଭୟରେ ଦୌଡ଼ି ଆସି ଆପଣଙ୍କ ବାମପଟ ରାସ୍ତାରେ ଚାଲିଗଲା। ଠିକ୍ ତା' ପଛରେ କିଛି ଦୁଷ୍ଟଲୋକ ଗୋଡ଼ାଇ ଆସି ଆପଣଙ୍କୁ ପଚାରିଲେ ଯେ ଝିଅଟି କେଉଁବାଟେ ଗଲା। ଏଠାରେ ଆପଣ ସତ କହିଲେ ଝିଅର କ୍ଷତି ହୋଇପାରେ। ଆପଣ ଏକଲା ଯଦି ଝିଅକୁ ବଞ୍ଚାଇ ପାରିବେ ନାହିଁ, ତେବେ ଆପଣ ଗୁଣ୍ଡାଙ୍କୁ ଡାହାଣ ପଟ ରାସ୍ତାରେ ଝିଅଟି ଯାଇଛି ବୋଲି କହିବା ଆବଶ୍ୟକ। ପ୍ରକୃତରେ ମିଥ୍ୟା ଭାଷଣ ଦେଲେ ମଧ୍ୟ ସତ୍ୟ ଆଚରଣ ବୁଝାପଡ଼େ। ତେଣୁକରି 'ସତ୍ୟ'ର ଅର୍ଥ ନୁହେଁ ଯେ କେବଳ ସତ୍ୟ କଥା କହିବା। କାୟ ମନୋବାକ୍ୟରେ ସତ ଆଚରଣ ହିଁ ସତ୍ୟର ସାଧନା। ସତ୍ୟର ପଥ ଅନୁସରଣ କରୁଥିବା ବ୍ୟକ୍ତି ଅତ୍ୟନ୍ତ ସାହସୀ ଓ ଦୃଢ଼ମନା ହୋଇପାରିବେ। ଜୀବନରେ କୌଣସି କ୍ଷତି ତାଙ୍କୁ ବିଚଳିତ କରିପାରିବ ନାହିଁ।

ସତ୍ୟ ସାଧନ ନିମନ୍ତେ ପ୍ରତି କ୍ଷଣରେ ମନ ସାମାନ୍ୟ ମିଥ୍ୟାଗାମୀ ହେବା ମାତ୍ରେ ତାକୁ ବାରଣ କରିବା ଆବଶ୍ୟକ। ସତ୍ୟନୁଷୀ ହେଲେ କିପରି ଶାନ୍ତି, ସାହସ ଓ ସ୍ଥିରତା ମିଳିପାରୁଛି ଏବଂ ମିଥ୍ୟା ପଥରେ ଗଲେ କିପରି ଭୟ, କଷ୍ଟଦାୟକ ମାନସିକ ସ୍ଥିତି ଆସୁଛି, ତାହା ଦେଖିବା ଆବଶ୍ୟକ। ଦୁର୍ନୀତିଗ୍ରସ୍ତ ଲୋକ ଆତ୍ମସମ୍ମାନ ହୀନ ହୋଇ

ଚୋର ଭଳି ଜୀବନ ବଞ୍ଚୁଛନ୍ତି। ଆବଶ୍ୟକ ସ୍ଥଳେ ଦଣ୍ଡ ଭୋଗିବା ସହ ନିଜର ପରିବାର ଓ କୁଟୁମ୍ବର ସମ୍ମାନ ସମାଜ ଆଗରେ ହରାଉଛନ୍ତି। ଠିକ୍ ରାସ୍ତାରେ ଚଳୁଥିବା ବ୍ୟକ୍ତି ଗରିବ ହୋଇ ମଧ୍ୟ କିଭଳି ଚିନ୍ତାଶୂନ୍ୟ ଓ ଆତ୍ମସମ୍ମାନର ସହ ବଞ୍ଚି ପାରୁଛି, ତାହା ଅନୁଧ୍ୟାନ କରିବା ଆବଶ୍ୟକ। ଏସବୁ ବିଷୟକୁ ଧୈର୍ଯ୍ୟ ମାଧ୍ୟମରେ ମନରେ ପ୍ରତିଫଳିତ କଲେ, ଏହି ସ୍ୱଭାବ ଆପେ ମନର ଗଭୀର ସ୍ତରରେ ବସା ବାନ୍ଧିବା ସହ ସତ୍ୟ ପଥରେ ଚାଲିବା ନିମନ୍ତେ ଆଗ୍ରହ ବଢ଼ାଇବ। ମଣିଷର ଯେତେ ଧନ, ଦୌଲତ, ମାନ ସମ୍ମାନ ଥିଲେ ମଧ୍ୟ ସେ ଖାଇବା, ପିଇବା, ପିନ୍ଧିବା ସହ ନିଜ ସାମର୍ଥ୍ୟ (ଶାରୀରିକ ଓ ମାନସିକ) ଠୁ ବଳି ଅଧିକ ଭୋଗକରି ପାରିବ ନାହିଁ। ଏହାଛଡ଼ା ନିଜର ମୃତ୍ୟୁକୁ ଗୋଟେ କ୍ଷର ମଧ୍ୟ ଘୁଞ୍ଚାଇ ଦେଇ ପାରିବ ନାହିଁ। ତେଣୁ ଅନୈତିକ ପନ୍ଥାରେ ଧନ ସମ୍ପତ୍ତି ଠୁଳ କରିବାଠୁ ବଳି ମୁର୍ଖାମି ନାହିଁ। ମନୋଜୟ ନିମନ୍ତେ ମନର ପ୍ରତ୍ୟେକ ଦୁର୍ବଳତାକୁ ଦୂର କରିବା ଲାଗି ଚେଷ୍ଟା କରାଯାଇଥାଏ ଏବଂ ବ୍ୟକ୍ତି ମନୋଜୟ ନିମନ୍ତେ ୧ଭାଗ ଚେଷ୍ଟା କଲାବେଳକୁ ମନ ୨ଭାଗ ନିୟନ୍ତ୍ରଣ ହୋଇଥାଏ।

ବ୍ୟାଟେରି ନ ଥିବା ସେଲ୍ ଫୋନ୍

ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ଦଳେ ସୂଚନା ଓ ପ୍ରଯୁକ୍ତିବିଦ୍ୟା କାରିଗର ବିଶେଷଜ୍ଞ ଦ୍ୱାରା ବ୍ୟାଟେରି ନଥିବା ସେଲ୍ ଫୋନ୍ ବିକଶିତ ହୋଇଛି । ଏ ପରି ସେଲ୍ ଫୋନ୍ ବିଶ୍ୱରେ ପ୍ରଥମ ବୋଲି ସେମାନଙ୍କ ଦାବି । ରେଡିଓ ତରଙ୍ଗ ଓ ପଚାଶ ଫୁଟ୍ ଦୂରରେ ଲାଗିଥିବା ସୌର ସେଲରୁ ଶକ୍ତି ସଂଚୟ କରି ଏହା ସାଧାରଣ ବ୍ୟାଟେରି - ଚାଳିତ ଫୋନ୍ ଭଳି କାର୍ଯ୍ୟ କରିବାକୁ ସକ୍ଷମ । ଏଥିପାଇଁ ଖୁବ୍ କମ ଶକ୍ତି ଆବଶ୍ୟକ । ଏଥିରେ ଅତି କ୍ଷୁଦ୍ର ମାଇକ୍ରୋଫୋନ୍ ସହିତ ଅନ୍ୟାନ୍ୟ ଯାନ୍ତ୍ରିକ ଉପକରଣ ଖଞ୍ଜାଯାଇଛି । ଏହି ଫୋନ୍ ଦ୍ୱାରା କଥା କହିବା, ଶୁଣିବା କିମ୍ବା ଛବି ପ୍ରେରଣାରେ କୌଣସି ସମସ୍ୟା ହେଉ ନାହିଁ ।

ସେକ୍ସଲାଇଫ ସକ୍ରିୟ ରଖିବ 'ବ୍ରିଜ ପୋଜ୍' ଯୋଗ

ବିଶେଷଜ୍ଞଙ୍କ କହିବାନୁସାରେ ଯୋଗ ପୁରୁଷଙ୍କ ଯୌନଜୀବନକୁ ଅଧିକ ସକ୍ରିୟ ରଖିବାରେ ସହାୟକ ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା

କରୋନା ପଜିଟିଭ୍ ଗର୍ଭବତୀ ମହିଳା କୋଭିଡ୍ ହସ୍ପିଟାଲରେ ରହିବାକୁ ପରାମର୍ଶ

ଭୁବନେଶ୍ୱର,୨୧।୯ (ନି.ପ୍ର): ଗର୍ଭବତୀ ମହିଳା କରୋନା ପଜିଟିଭ୍ ଚିହ୍ନଟ ହେଲେ ହୋମ୍ ଆଇସୋଲେସନରେ ନ ରହି କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଲେ ଭଲ ବୋଲି ସ୍ୱତନ୍ତ୍ର ଶାସନ ସଚିବ, ପବ୍ଲିକ୍ ହେଲଥ୍ ଡାକ୍ତର ଅଜିତ କୁମାର ମହାନ୍ତି ପରାମର୍ଶ ଦେଇଛନ୍ତି । ରବିବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ଗର୍ଭବତୀ ମହିଳା ନିକଟସ୍ଥ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେବା ଦ୍ୱାରା ଗର୍ଭରେ ଥିବା ପିଲାଙ୍କୁ କୋଭିଡ ଠାରୁ ମୁକ୍ତ ରଖାଯାଇପାରିବ । ଏତଦ ବ୍ୟତୀତ ପରିବାର ଲୋକେ ମଧ୍ୟ ସଂକ୍ରମଣ ଠାରୁ ଦୂରରେ ରହିପାରିବେ । କରୋନା ଚିହ୍ନଟ ଗର୍ଭବତୀଙ୍କ ଚିକିତ୍ସା ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । ଆମେ ସମସ୍ତେ ଯଦି ସରକାରଙ୍କ ଗାଇଡଲାଇନ ପାଳନ କରିବା, ତାହେଲେ ଘରେ ହୋମ ଆଇସୋଲେସନରେ ରହିପାରିବା । କିନ୍ତୁ ଏଥି ପାଇଁ ଆମକୁ ସଂପୂର୍ଣ୍ଣ ଭାବେ ଆଇସୋଲେସନରେ ରଖିବାକୁ ହେବ । ଏପରିକି ପରିବାର ଲୋକଙ୍କ ସହିତ ଆଦୌ ମିଳାମିଶା କରିବା ନାହିଁ । ଖାଇବା-ପିଇବା, ପିନ୍ଧିବା, ଶୌଚାଳୟ ପ୍ରତି ଧ୍ୟାନ ଦେବା । ହୋମ ଆଇସୋଲେସନର ଗାଇଡଲାଇନକୁ ପାଳନ କରିବା । ଦିନକୁ ୩ ଥର ତାପମାତ୍ରା ମାପିବା ସରକାରଙ୍କୁ ସମସ୍ତ ସ୍ୱାସ୍ଥ୍ୟ ଜନିତ ଭଲମନ୍ଦ ଜଣାଇବା । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାର ହୋମ ଆଇସୋଲେସନରେ ରହୁଥିବା କରୋନା ଆକ୍ରାନ୍ତଙ୍କୁ ଔଷଧ କିଟ ଦେଉଛନ୍ତି । ଏଥିରେ ପାରାସିଟାମଲ, ଆଜିଥ୍ରୋମାଇଜିନ, ଲିଭୋ ସେଟ୍ରିଜିନ ରହୁଛି । ସାଧାରଣ ଜ୍ୱର ହେଲେ ପାରାସିଟାମଲ ଖାଇଲେ ଏହା କମିଯାଏ । କିନ୍ତୁ କୋଭିଡରେ ତାହା ହୁଏ ନାହିଁ କାଶ, ଥଣ୍ଡା, ବାସ୍ନା ବାରି ନପାରିବା ବାରମ୍ବାର ଝାଡ଼ା ହେବା, ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରିବା ଇତ୍ୟାଦି ହେଉଛି କରୋନାର ଲକ୍ଷଣ । ସରକାର ଦେଉଥିବା କିଟରେ ଯଦି କରୋନା ଆକ୍ରାନ୍ତ ଭଲ ନହୁଅନ୍ତି, ତାହେଲେ କୋଭିଡ ହସ୍ପିଟାଲକୁ ନିଆଯିବ । ତାପାମାତ୍ରା ଅଧିକ ରହିବା ଦ୍ୱାରା ପାରାସିଟାମଲ ଖାଇଲେ ମଧ୍ୟ ଜ୍ୱର କମିବ ନାହିଁ । ହୋମ୍ ଆଇସୋଲେସନରେ ଥିବା ବ୍ୟକ୍ତି ପ୍ରଚୁର ପରିମାଣରେ ପାଣି ପିଅନ୍ତୁ ବୋଲି ଡ. ମହାନ୍ତି ପରାମର୍ଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ତରଫରୁ ନିର୍ଦ୍ଦେଶକ, ପବ୍ଲିକ୍ ହେଲଥ୍ ଡ. ନିରଂଜନ ମିଶ୍ର କହିଛନ୍ତି, ଜଣେ ଆକ୍ରାନ୍ତ ଲକ୍ଷଣ ଆରମ୍ଭ ହେବା ଦିନଠାରୁ ୧୦ ଦିନ ପର୍ଯ୍ୟନ୍ତ ପୃଥକବାସରେ ରହିବା ଆବଶ୍ୟକ । ପୃଥକବାସ ପୂରଣ ହେବା ପରେ ପୁଣି ୭ ଦିନ ଲାଗି ସ୍ୱ-ନିରୀକ୍ଷଣରେ ରୁହନ୍ତୁ । ସେ କହିଛନ୍ତି ଯେ, ଜଣେ ବ୍ୟକ୍ତି କୋଭିଡ ମୁକ୍ତ ହୋଇଥିଲେ ଅନ୍ୟରୋଗରୁ ଆରୋଗ୍ୟ ପାଇଁ ଔଷଧ ନେଇପାରିବେ । ଡ. ମିଶ୍ର ପରାମର୍ଶ ଦେଇଛନ୍ତି ଯେ, କୋଭିଡରେ ଆକ୍ରାନ୍ତଙ୍କ ନିକଟରେ ୧୫ ମିନିଟରୁ ଅଧିକ ସମୟ ରହିଲେ ସଂକ୍ରମିତ ହେବାର ଆଶଙ୍କା ରହିଛି ।

ଜଳପ୍ରପାତରେ ବୁଡ଼ି ଦୁଇ ଯୁବକ ନିଖୋଜ

ସୁନ୍ଦରଗଡ଼,୨୧।୯ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ବଣାଇ ଉପଖଣ୍ଡ ଅନ୍ତର୍ଗତ ଗୁରୁଣ୍ଡିଆ ବ୍ଲକର ବାଦଲଗିରି ଜଳପ୍ରପାତରେ ବୁଡ଼ି ଦୁଇ ଯୁବକ ନିଖୋଜ ହୋଇଯାଇଛନ୍ତି । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଖୋଜ ଯୁବକ ଦ୍ୱୟଙ୍କୁ ଖୋଜିବା କାର୍ଯ୍ୟରେ ନିୟୋଜିତ ରହିଛି । ନିଖୋଜ ଯୁବକ ଦ୍ୱୟ ହେଲେ ରାଉରକେଲାର ସାଇସ୍ୱରୂପ ମହାନ୍ତି ଏବଂ ଅନିମେଶ ସିହ୍ନା । ସାଇସ୍ୱରୂପ ଓ ଅନିମେଶଙ୍କ ସମେତ ସେମାନଙ୍କର ଅନ୍ୟ ୬ ଜଣ ସାଙ୍ଗ ଏହିପରି ମୋଟ୍ ୮ ଜଣ ଯୁବକ ୪ଟି ସ୍କୁଟିରେ କୋଏଲ ନଗରରୁ ଏଠାକୁ ବୁଲିବାକୁ ଆସିଥିଲେ । ତେବେ କିପରି ଓ କେଉଁ ପରିସ୍ଥିତିରେ ଏଭଳି ଏକ ଅଘଟଣ ଘଟିଗଲା ତାହା ବର୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି ।

ଚିତ୍ରକୋଣ୍ଡା ଇକୋ ପାର୍କ ଖାଁ ଖାଁ, ହାତ ବାନ୍ଧି ବସିଛନ୍ତି ବେପାରୀ

ମାଲକାନଗିରି,୨୧।୯ (ନି.ପ୍ର): ଚିତ୍ରକୋଣ୍ଡା ବନାଂଚଳ ଅଧିନସ୍ଥ ଟେମ୍ପରାରି କଲୋନୀ ନିକଟରେ ଯୁକୋ ପାର୍କ ଅବସ୍ଥିତ । କରୋନା ମହାମାରୀ ପାଇଁ ଗଲା ମାର୍ଚ୍ଚ ମାସ ରୁ ଲକ ଡାଉନ ଓ ସଟଡାଉନ କଟକଣା ପରଠାରୁ ଆଜି ଯାଏଁ ପାର୍କ ଟିରେ ଏକ ପ୍ରକାର ତାଲା ଝୁଲିଛି, ।ପାର୍କ ଟିରେ ପର୍ଯ୍ୟଟକ ଙ୍କର ଭିଡ଼ ଆଉ ଦେଖି ବାକୁ ମିଳୁ ନଥିବାରୁ ଖାଆଁ ଖାଆଁ ଲାଗୁଛି. ପାର୍କ ରୁ ହେଉଥିବା ରାଜସ୍ୱ ଆୟ ପାଂଚ ମାସ ହେଲା ବନ୍ଦ ଥିବାବେଳେ ପାଂଚ ମାସ ହେଲା ପାର୍କ ଭିତରେ ବ୍ୟବସାୟ କରି ଜୀବନ ନିର୍ବାହ କରୁଥିବା ଟି/କଫି ଷ୍ଟଲ, କ୍ୟାଂଟିନ ଓ ଫୋଟୋ କ୍ୟାମେରା ସ୍ଟୁଡ଼ିଓ ମାଲିକ ଓ ବ୍ୟବସାୟୀ ମାନେ ପାଂଚ ମାସ ହେଲା ବେପାର ହରାଇ କ୍ଷତି ସହିବା ସହିତ ବହୁ ସମସ୍ୟା ଓ ନାହିଁ ନଥିବା ଅସୁବିଧାରେ ଥିବା ବେଳେ ଦୂର ଦୂରାନ୍ତରରୁ ଆସୁଥିବା ପର୍ଯ୍ୟଟକ ମାନେ ଆସି ନିରାଶ ହୋଇ ଫେରୁ ଥିବାର ଦେଖିବାକୁ ମିଳୁଛି ।ଜନସାଧାରଣ ଓ ଛୋଟ ବଡ଼ ପିଲା ମାନଙ୍କୁ ମନ ରଞ୍ଜନ ର ଖୋରାକ ଯୋଗାଇ ଆସୁଥିବା ପାର୍କ ବନ୍ଦ ଥିବାରୁ ନିରାଶ ହୋଇ ପଡିଛନ୍ତି ବହୁ ଲୋକେ, କରୋନା କଟକଣା ପାଇଁ କେବେ ପାର୍କ ଖୋଲିବ ତାହା ଏବେ ସୁଧା ସ୍ପଷ୍ଟ ହୋଇ ନାହିଁ ।

ସମ୍ବାଦର ପ୍ରକାଶକ ବିଜୟ ପଟ୍ଟନାୟକଙ୍କ ପରଲୋକରେ ଲୋକସଂପର୍କ ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨୧।୯ (ନି.ପ୍ର): ଦୈନିକ ଖବରକାଗଜ "ସମ୍ବାଦ"ର ପ୍ରକାଶକ ବିଜୟ କୁମାର ପଟ୍ଟନାୟକଙ୍କ ବିୟୋଗରେ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ପଟ୍ଟନାୟକ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ଥିଲେ ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି । ସ୍ୱର୍ଗତ ପଟ୍ଟନାୟକଙ୍କ ଅସୁସ୍ଥତା ଜନିତ ବିୟୋଗ ତାଙ୍କୁ ଗଭୀର ଦୁଃଖ ଦେଇଛି ବୋଲି ସେ କହିଛନ୍ତି । ସମ୍ବାଦ ଭଳି ପ୍ରତିଷ୍ଠିତ ସମ୍ବାଦ ପତ୍ରରେ ଦୀର୍ଘ ୪ ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବା ସହିତ ପ୍ରକାଶକ ଭାବରେ ସେ ତାଙ୍କର ସ୍ୱତନ୍ତ୍ର ଛାପ ଛାଡିଯାଇଛନ୍ତି । "ସମ୍ବାଦ" ଖବର କାଗଜ ସମେତ ସମସ୍ତ ଗଣମାଧ୍ୟମ ଜଗତ ତାଙ୍କର ଏହି ଅମୂଲ୍ୟ ଅବଦାନ ପାଇଁ ତାଙ୍କୁ ସବୁଦିନେ ମନେ ରଖିବେ । ସ୍ୱର୍ଗତ ପଟ୍ଟନାୟକଙ୍କ ବିୟୋଗରେ ମନ୍ତ୍ରୀ ଶ୍ରୀ ଦାସ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

ତହସିଲ ଓ ପୁଲିସର ମିଳିତ ମାସ୍କ ଚେକିଂ

ନୂଆପଡା,୨୧।୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ତହସିଲ ଏବଂ ପୁଲିସର ମିଳିତ ମାସ୍କ ଚେକିଂ ଜାରୀ ରହିଛି । ସହରର ଥାନାଛକ, ବ୍ଲକ ଛକ, ଆଜାଦ ଚୌକ ସହ ଅନ୍ୟାନ୍ୟ ସ୍ଥାନରେ ପଥଚାରୀ, ବାଇକ ଆରୋହୀ, ସାଇକେଲ ଆରୋହୀଙ୍କ ମାସ୍କ ଚେକିଂ କରୁଛନ୍ତି । ମାସ୍କ ପିନ୍ଧିନଥିବା ଲୋକଙ୍କ ଠାରୁ ୫୦୦ ଟଙ୍କା ଲେଖାଏଁ ଫାଇନ ଆଦାୟ କରାଯାଉଥିବା ଦେଖିବାକୁ ମିଳିଛି । ଏଥିରେ ଅତିରିକ୍ତ ତହସିଲଦାର ତପନ କୁମାର ନାଏକ, ଏନଏସିର ଗୌତମ ସାହୁ, ପୁଲିସ କନେଷ୍ଟବଲ ସାମିଲ ରହୁଛନ୍ତି । ଅନପକ୍ଷରେ ଖଡିଆଳ ଅ ଳରେ ଅନେକ ଲୋକ ମାସ୍କ ବ୍ୟବହାର କରୁନଥିବା ବେଳେ ଦୋକାନ ବଜାର ମାନଙ୍କରେ ସାମାଜିକ ଦୂରତା ପାଳନ କରୁନଥିବା ଦେଖିବାକୁ ମିଳିଛି । ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ୨୦୦୦ରୁ ଅଧିକ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି ।

ଧାମରା ବନ୍ଦର ଦଖଲରେ ଗୋଚର ଓ ଶ୍ମଶାନ ଜମି

ଭଦ୍ରକ, ୨୧/୯ (ହି.ସ.) - ଗାଁ ଗଣ୍ଡାରେ ଶବ ପୋତା ହେବା କି ପୋଡା ହେବା ପାଇଁ ଆଉ ଜାଗା ମିଳୁନି । ସରକାରୀ ଖାତାରେ ଥିବା ଶ୍ମଶାନ ଓ ଗୋଚର ଜମିକୁ ଧାମରା ବନ୍ଦର ଦଖଲ କରିନେଇଛି । ବନ୍ଦର ନିର୍ମାଣ ଆରମ୍ଭ ବେଳେ ୨୦୦୭-୦୮ ମସିହାରେ ବେସରକାରୀ ଜମି ସହ ସରକାରୀ ଜମି ବନ୍ଦର କର୍ତ୍ତୃପକ୍ଷ ଦଖଲ କରୁଥିବା ବେଳେ ଆବାହନ କାଳରୁ ଥିବା ଶ୍ମଶାନ ଜମି ମଧ୍ୟ ଦଖଲକୁ ନେଇ ଯାଇଥିଲା । ସେହିଦିନଠୁ ତିହିଡି ଚାନ୍ଦବାଲି ଓ ଭଦ୍ରକ ବ୍ଲକ୍‌ର ବାସିନ୍ଦାମାନେ ନେହୁରା ହେଉଥିଲେ ବନ୍ଦର କର୍ତ୍ତୃପକ୍ଷ ନେଇଥିବା ଶ୍ମଶାନ ଜମି ବଦଳରେ ଲୋକଙ୍କୁ ଜମି ଦେଉ । ଏହି ହାରି ଗୁହାରୀ ଆଜିଯାଏ ପାଳନ ହେଉନାହିଁ । ଅପରପକ୍ଷରେ ଏହି ୩ ତହସିଲର ସାଧାରଣ ଜନତାଙ୍କ କେତେକ ଓଡ଼ିଶା ହାଇକୋର୍ଟରେ ଆଶ୍ରୟ ନେଇଥିଲେ । ଲୋକଙ୍କ ଦୁଃଖ ଦେଖି କୋର୍ଟ ଯେଉଁ ଆଦେଶ କରିଥିଲେ । ସେଥିରୁ କେବଳ ଦେଇଥିଲେ, ତାହା ଆଜିଯାଏ ସଂପୂର୍ଣ୍ଣ ପାଳନ ହୋଇପାରୁନି । ହାଇକୋର୍ଟ କେନ୍ଦ୍ରାଂଚଳ ରାଜସ୍ୱ କମିଶନରଙ୍କୁ ଧାମରା ବନ୍ଦର ମାଲିକ ଜବରଦଖଲ କରିଥିବା ଗୋଚର ଓ ଶ୍ମଶାନ ଜମିକୁ ତୁରନ୍ତ ଫେରାଇବା ପାଇଁ କଡା ନିର୍ଦ୍ଦେଶ ଦେଇଥିଲେ । ଧାମରା ବନ୍ଦର ପାଇଁ ଗୋଚର ଏବଂ ଶ୍ମଶାନ ଜମି ଅଧିଗ୍ରହଣ କରି ଏବେ ଅଡୁଆରେ ପଡିଥିଲେ ସରକାର । ଏ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଗତ ଏକ ଜନସ୍ୱାର୍ଥ ମାମଲା ୨୦୭୯୬/୧୪ ର ବିଚାର କରି କୋର୍ଟ କେନ୍ଦ୍ରା ଳ ରାଜସ୍ୱ କମିଶନରଙ୍କୁ ଉକ୍ତ ଜମିକୁ ତୁରନ୍ତ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବନ୍ଦର ପ୍ରତିଷ୍ଠା ବେଳେ ବନ୍ଦର କର୍ତ୍ତୃପକ୍ଷ ଚାନ୍ଦବାଲି ତହସିଲ ଅଧୀନସ୍ଥ ଦୋସିଙ୍ଗା ଫଂଚାୟତରେ ଗ୍ରାମ ଜଂଗଲ, ଗ୍ରାମ ଜଳାଶୟ, ଶ୍ମଶାନ, ଗୋଚର ଏବଂ ଦେବାଳୟ ସକାଶେ ଉଦ୍ଦିଷ୍ଟ ଅନ୍ୟୁନ ୩୫ ଏକର ୩୪ ଡି. ଜମି ଜବରଦଖଲ ଗୋଚର କିସମର ଏ୨୦.୩୧ ଡି. ଜମି ରହିଥିବାବେଳେ ୩୮ ଡି. ଶ୍ମଶାନ ଜମି ରହିଥିଲା । ପରେ ଜମି ବଦଳ ବ୍ୟବସ୍ଥାରେ ବନ୍ଦର କର୍ତ୍ତୃପକ୍ଷ ଏହି ଫଂଚାୟତରେ ଏକ ସର୍ବସାଧାରଣ ଜମି ମଧ୍ୟରୁ ୭ ଡି. ଜମି ଗ୍ରାମ ଶ୍ମଶାନ ପାଇଁ ଛାଡି ଦେଇଥିଲେ ମଧ୍ୟ ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ଉପୁଜିଥିଲା । ଯାହାକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା । ମାମଲାର ବିଚାର କରି ଉଚ୍ଚ ନ୍ୟାୟାଳୟ ସର୍ବସାଧାରଣ ଜାଗାରୁ ଶ୍ମଶାନ ହଟାଇ ନେବା ସହ ବନ୍ଦର କର୍ତ୍ତୃପକ୍ଷ ଦଖଲକୁ ନେଇଥିବା କମ୍ୟୁନାଲ ଜମି (ଗୋଚର, ଶ୍ମଶାନ, ଗ୍ରାମ ଜଂଗଲ, ଜଳାଶୟ ଏବଂ ଦେବାଳୟ ଆଦି ପାଇଁ ଉଦ୍ଦିଷ୍ଟ) ଫେରସ୍ତ କରିବାକୁ କେନ୍ଦ୍ରା ଳ ରାଜସ୍ୱ କମିଶନରଙ୍କୁ ନୋଟିସ୍ ଜାରି କରିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଇ ବନ୍ଦର କର୍ତ୍ତୃପକ୍ଷ କେବଳ ଦୋସିଙ୍ଗା ଅଂଚଳରେ ଜମି ଫେରାଇ ଦେଇଥିବା ବେଳେ ତିହିଡି ଓ ଚାନ୍ଦବାଲି ତହସିଲ ଅଧୀନରେ ଅନେକ ଗାଁର ଏହି ସମସ୍ୟା ଏବେବି ବଳବ ର ରହିଛି । ସୂଚନାଯୋଗ୍ୟ ଯେ ବନ୍ଦର ପ୍ରତିଷ୍ଠା ସମୟରେ ଧାମରା ବନ୍ଦର କର୍ତ୍ତୃପକ୍ଷ ଭଦ୍ରକ, ତିହିଡି ଏବଂ ଚାନ୍ଦବାଲି ତହସିଲ ଅଧୀନରେ ଥିବା ୪୫ଟି ରାଜସ୍ୱ ଗ୍ରାମର ମୋଟ ୧୦୧ ଏକର ୨୫ ଡି. ଗୋଚର ଏବଂ ଶ୍ମଶାନ ଜମି ଅଧିଗ୍ରହଣ କରିଥିଲେ । ସେଥିରେ ଭଦ୍ରକ ତହସିଲର ୧୦ଟି ଗ୍ରାମରୁ ୧୧ ଏକର ୨ ଡି. ଜମି ଅଧିଗ୍ରହଣ କରିଥିବାବେଳେ ତିହିଡି ତହସିଲର ୧୪ ଟି ଗ୍ରାମରୁ ଏ୨୩.୭୩ ଡି. ଏବଂ ଚାନ୍ଦବାଲି ତହସିଲରୁ ସର୍ବାଧିକ ଏ୬୭.୫୦ ଡି. ଜମି ଅଧିଗ୍ରହଣ କରିଥିଲେ । ଯାହାକୁ ନେଇ ପ୍ରବଳ ଜନ ଅସନ୍ତୋଷ ଉପୁଜୁଛି । ୪୪ଟି ଗ୍ରାମରେ ଜମି ବଦଳ ଜରିଆରେ ଗୋଚର ଏବଂ ଶ୍ମଶାନ ଜମି ନିଷ୍କତି କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଚାନ୍ଦବାଲି ତହସିଲର ଅଧୀଗୃହିତ ଏ୬୬.୫୦ ଡି. ଜମି ପାଇଁ ଆରଓ (ରିକ୍ୟୁଜିସନ ଅଥରଟି) ଫାଇଲ୍ କରାଯାଉନଥିଲା । ଯାହାକୁ ନେଇ ସଂପୃକ୍ତ ଅଂଚଳରେ ତୀବ୍ର ଜନ ଅସନ୍ତୋଷ ଦେଖାଦେଇଥିଲା । ଅନ୍ୟପକ୍ଷରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଜାରି ହେବାର ୨ ମାସ ଆଗରୁ ଅର୍ଥାତ୍ ଗତ ୨୭ ଜୁଲାଇ ୨୦୧୫ ରେ ଆରଓ (ଇଡକୋ କର୍ତ୍ତୃପକ୍ଷ) ପତ୍ରାଙ୍କ ନଂ ୯୨୨୩ ରେ ଦୋସିଙ୍ଗା ଫଂଚାୟତରେ ଏ୩୫.୩୪ ଡି. ପରିମିତ ଲିଜେବଲ, କମ୍ୟୁନାଲ, ଗୋଚର, ଶ୍ମଶାନ ଓ ଜଂଗଲ ଜମି ଅଧିଗ୍ରହଣ ପାଇଁ ଫର୍ମ - 'କ' ରେ ନୋଟିଫିକେଶନ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଦ୍ୟାବଧି ତାହା ତିହିଡି ଓ ଚାନ୍ଦବାଲି ତହସିଲ କାର୍ଯ୍ୟାଳୟରେ ପଡି ରହିଥିବା ଜଣାପଡିଛି । ଏଥିରେ କର୍ତ୍ତୃପକ୍ଷ ଏ୬.୪୮ ଡି. ଲିଜ୍ ଜମି, ଏ୨.୫୩ ଡି. କମ୍ୟୁନାଲ, ଏ୨୦.୩୧ ଡି. ଗୋଚର, ୩୮ ଡି. ଶ୍ମଶାନ ଏବଂ ଏ୫.୬୪ ଡି. ଜଂଗଲ ଜମି ପାଇଁ 'କ' ଧାରାରେ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ମଝିରେ ଭାଙ୍ଗିଛି କେନାଲ : ଜମିକୁ ଯାଉନାହିଁ ପାଣି ଚାଷୀ ହନ୍ତସନ୍ତ

ମାରମତି ପାଇଁ ପ୍ରଶାସନକୁ ଗ୍ରାମବାସୀଙ୍କ ଗୁହାରୀ

କନ୍ଧମାଳ,୨୧।୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରିପଡା ବ୍ଲକ ଅଂଚଳରେ ଥିବା ଦୁତିପଡା ପଂଚାୟତରେ ଥିବା ଜିଲ୍ଲାର ସିଦିଙ୍ଗି ପିଲାସାଲୁଙ୍କୀ ଜଳସେଚନ ପ୍ରକଳ୍ପ ଜରିଆରେ ତିଆରି କରାଯାଇଥିବା କେନାଲରେ ପାଣି ଆସୁଥିଲେ ମଧ୍ୟ କେନାଲ ମଝିରେ ଗାତ ହୋଇଥିବାରୁ ସେଠାରେ ଥିବା ସବୁ ଚାଷ ଅଂଚଳର ଜମିକୁ ପାଣି ପଂଚିପାରୁନାହିଁ । କେନାଲରେ ପାଣି ଆସୁଥିଲେ ମଧ୍ୟ ସେହି ପାଣି ସବୁ କେନାଲକୁ ନଯାଇ ସେଠାରେ ଭାଙ୍ଗିଥିବା କେନାଲରେ ଗାତ ସୃଷ୍ଟି ହୋଇ ସେଥିରେ ପଶି ଯାଉଛି । ଫଳରେ ପାଣି ସବୁ ନଷ୍ଟ ହେଉଛି । ତେବେ ଜଳକର ଦେଉଥିବା ଚାଷିମାନେ ଏହାର ଲାଭ ପାଇ ପାରୁନାହାନ୍ତି । ତେବେ ସେହି ଅଂଚଳରେ ଥିବା ଏହି କେନାଲ ଗୁଡିକ ବହୁତ ବର୍ଷର ପୁରୁଣା ହୋଇଥିବାରୁ ସେସବୁର ମରାମତି ଅଭାବରୁ ସେସବୁ ଭାଙ୍ଗିଗଲାଣି । ସେହି ପରି ସେହି ଅଂଚଳରେ ଥିବା ବଲସକୁମ୍ଭା ପଂଚାୟତର ଭଞ୍ଜାରମୁଣ୍ଡା ରହିଥିବା ୭ ନମ୍ବର ପୋଲଟି ବିପଦ ଶଂକୁଳ ଅବସ୍ଥାରେ ରହିଥିବାରୁ ସେଠାରେ କେନାଲଟି ଭାଙ୍ଗି ଯାଇ ସେଥିରେ ଗର୍ତ ସୃଷ୍ଟି ହୋଇଯାଇଛି । ଯାହା ଦ୍ୱାରା ଚାହିଙ୍କ ଜମିକୁ ପାଣି ଯିବା ବନ୍ଦ ହୋଇଯାଇଛି । ସେହି କେନାଲକୁ ଶିଘ୍ର ମରାମତି ନକଲେ ସେହି ଅଂଚଳର ଆଖପାଖରେ ଥିବା ବଲସକୁମ୍ଭା ପଂଚାୟତର ସୁନ୍ଦରଗଡ, ବାରିକୁମ୍ଭା, ନୂଆସାହି, ଖେତାପାଙ୍କୁ ସମେତ ଏହି ପାଣି ଉପରେ ଭରସା କରି ଚାଷ କରୁଥିବା ଆଖପାଖର ଅନେକ ଗ୍ରାମର ଲୋକେ ଚାଷପାଇଁ ପାଣି ନପାଇ ହଇରାଣ ହେବେ ବୋଲି ସେହି ଅଂଚଳର ରମେଶ ଦଳବେହେରା, ପବିତ୍ର ଦଳବେହେରା, ବିଦୁର ପ୍ରଧାନ, ଅଭିମନ୍ୟୁ ପ୍ରଧାନ, କମଳାକାନ୍ତ ସାହାଣୀ ଏବଂ ଆକାଶ ଦାସଙ୍କ ସମେତ ଅନ୍ୟ ଗ୍ରାମର ଗ୍ରାମାବାସୀ ମାନେ ଜିଲ୍ଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି ।

ବରିଷ୍ଠ ଆଇନଜୀବୀଙ୍କ ହୃଦ୍‌ଘାତରେ ପରଲୋକ

ନୂଆପଡା,୨୧।୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳର ବରିଷ୍ଠ ଆଇନଜୀବୀ ଅପ୍ରମେୟ ପଣ୍ଡାଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ଶ୍ରୀପଣ୍ଡା ଭୁବନେଶ୍ୱର ସ୍ଥିତ ବାସଗୃହରୁ ଖଡିଆଳ ଆସିବା ସମୟରେ ତାଙ୍କର ହୃତଘାତରେ ମୃତ୍ୟୁ ହୋଇଯାଇଛି । ସେ ଜଣେ ନିଷ୍ଠଟକ, ଅମାୟୀକ ଏବଂ ଭଦ୍ରବ୍ୟକ୍ତିତ୍ୱ ଥିଲେ । ବର୍ତମାନ ସେ ବାର କାଉସିଲ ଦ୍ୱାରା ମନୋନୀତ ହୋଇ ଇ ରିମ କମିଟି ସଭାପତି ରୂପେ ଦାୟିତ୍ୱ ତୁଲାଉଥିବା ବେଳେ ଖଡିଆଳ ବାର ଏସୋସିଏସନର ପୂର୍ବତନ ସଭାପତି ଥିଲେ । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

ନଦିଆ ବିହାରୀ ମହାନ୍ତିଙ୍କ ବିୟୋଗରେ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଶୋକ

ଧର୍ମଶାଳା,୨୧।୯ (ନି.ପ୍ର): ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ନଦିଆ ବିହାରୀ ମହାନ୍ତି ଓ ବିଶିଷ୍ଟ ପ୍ରାବନ୍ଧିକ ତଥା ସମାଲୋଚକ ପ୍ରଫେସର ବାଉରୀବନ୍ଧୁ କରଙ୍କ ବିୟୋଗରେ ଧର୍ମଶାଳା ସାହିତ୍ୟ ସମାଜ ଜାରକା ତରଫରୁ ଶୋକ ପ୍ରକାଶ କରାଯାଇଛି । ଡକ୍ଟର ଜଗନ୍ନାଥ ଜେନା,ଡ. ରାଜକିଶୋର ପାଢୀ,ବେଣୁଧର ନାୟକ,ଡ. ପ୍ରଶାନ୍ତ କୁମାର ସ୍ୱାଇଁ,ନବଘନ ଜେନା,କାହ୍ନୁ ଚରଣ ଦାଶ,ରାଧାଶ୍ୟାମ ସାହୁ,ମନୋରଂଜନ ମହାନ୍ତି,ଅର୍ଜୁନ ପୃଷ୍ଟି,ଗୋବିନ୍ଦ ଚନ୍ଦ୍ର ସାହୁ,ନୃସିଂହ ଚରଣ ମିଶ୍ର,କୃଷ୍ଣ ଚନ୍ଦ୍ର ତ୍ରିପାଠୀ,ଯୁଗଳ କିଶୋର ଦାସ,ଗୋଳକ ଚନ୍ଦ୍ର ପଲେ.ପ୍ରଶାନ୍ତ କୁମାର ସାହୁ,ଧ୍ରୁବଚରଣ ବିଶ୍ୱାଳ,ପଦ୍ମଜା ଶରଣ,ଅଖିଳ କୁମାର ସ୍ୱାଇଁ,ବିଜୟ କୁମାର ନାୟକ

ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଗୁଣୁପୁର,୨୧।୯ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ପଦ୍ମପୁର ଥାନାର ନୂଆଗାଁ ସମ୍ଭାର କୁଡିଆଠାରେ ଏକ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ପଦ୍ମପୁର ପୋଲିସ। ସମ୍ଭାର କୁଡିଆ ଜଙ୍ଗଲ ନିକଟରେ ଗ୍ରାମର କେତେଜଣ ବ୍ୟକ୍ତି ମୃତଦେହ ଦେଖିଲାପରେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଦ୍ଧାର କରି ୮/୨୦୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟକ୍ତି ଜଣକ କିଏ ଏବଂ ଏଠାକୁ କିପରି ଆସିଲା, ଏହାର ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ସୟକୁମାର ନାୟକ କହିଛନ୍ତି।

ପ୍ରେମାନନ୍ଦ ଦାସ ମହାପାତ୍ରଙ୍କ ବିୟୋଗରେ ସହରରେ ଶୋକ ଛାୟା ଖେଳିଯାଇଛି

ପୁରୀ,୨୧।୯ (ନି.ପ୍ର):ଶ୍ରୀମନ୍ଦିର ର ବରିଷ୍ଠ ଦଇତା ପତି ସେବାୟତ ପ୍ରେମାନନ୍ଦ ଦାସ ମହାପାତ୍ର ଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ଖେଳିଯାଇଛି। ତାଙ୍କ ବିୟୋଗରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଆଇନମନ୍ତ୍ରୀ ପ୍ରତାପ ଜେନା ଏକ ବାର୍ତା ରେ କହିଛନ୍ତି ଯେ, ଦେବୀ ସୁଭଦ୍ରା ଙ୍କ ବାଡଗ୍ରାହୀ ପ୍ରେମାନନ୍ଦ ଦାସ ମହାପାତ୍ରଙ୍କ ଦେହାନ୍ତ ଖବର ପାଇ ସେ ମର୍ମାହତ। ତାଙ୍କ ବିୟୋଗରେ ଦଇତାପତି ନିଯୋଗ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଅମୀୟ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ବିଭିନ୍ନ ଜାଗା ଆଖଡା ଓ ନିଯୋଗ କର୍ମକର୍ତାମାନେ ଶୋକବ୍ୟକ୍ତ କରିଛନ୍ତି। ଏବର୍ଷ ପୂଜାରେ ପ୍ରେମା ଙ୍କ ଅନୁପସ୍ଥିତି ଅନୁଭୂତ ହେବ ବୋଲି ସାହି ଲୋକେ କହିଛନ୍ତି।

ବରିଷ୍ଠ ନାଗରିକଙ୍କ ଠାରୁ ଗାଡ଼ି ଛଡ଼ାଇ ନେଲେ

ପୁରୀ,୨୧।୯ (ନି.ପ୍ର): ଗାଡ଼ିଧକ୍କାକୁ କେନ୍ଦ୍ର କରି କେତେକ ଦୁର୍ବୃତ୍ତଜଣେ ବରିଷ୍ଠ ନାଗରିକଙ୍କ ଠାରୁ ବାଇକ୍ ଛଡ଼ାଇନେଇଛନ୍ତି। କେବଳ ସେତିକି ନୁହେଁ ତାଙ୍କ ଠାରୁ ଏକ ସାଦା କାଗଜରେ ମଧ୍ୟ ଦସ୍ତଖତ କରାଇନେଇଛନ୍ତି। ଦଶହଜାର ଟଙ୍କା ଦେଲେ ବାଇକ୍ ଫେରାଇ ଦିଆଯିବ ବୋଲି ସେମାନେ ଦାବି କରିଥିବା ପୁରୀ ଜିଲ୍ଲା କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଅଠରନଳା ଅଞ୍ଚଳର ଅଭୟ କୁମାର ମହାନ୍ତି ନାମକ ଜଣେ ବରିଷ୍ଠ ନାଗରିକ ଚନ୍ଦନପୁରଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶଯେ,ଗତ ୧୯ ତାରିଖଦିନ ଅଭୟ ତାଙ୍କ ପୁଅଙ୍କ ବାଜାଜ୍ ପ୍ଲାଣ୍ଟିନା ବାଇକ୍ (ଓଆର-୧୩ସି୯୧୬୭)ନେଇ ଚନ୍ଦନପୁର ଯାଇଥିଲେ। ସେଠାରୁ ଫେରିବା ସମୟରେ ଅପରାହ୍ନ ପ୍ରାୟ ୫ଟା ସମୟରେ ତୁଳସୀଚଉରା ଛକଠାରେ ତାଙ୍କ ବାଇକ୍ ଟି ଅନ୍ୟ ଗୋଟିଏ ଦୁଇଚକିଆ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତି ତାଙ୍କ ବାଇକ୍‌ଟିକୁ ରଖି ଏକ ସାଧାକାଗଜରେ ଦସ୍ତଖତ କରାଇ ଦଶହଜାର ଟଙ୍କା ଦେଲେ ତୁମ ବାଇକ୍ ନେବ ବୋଲି କହି ଅନ୍ୟ ଏକ ବାଇକ୍‌ରେ ଆଣି ଅଭୟଙ୍କୁ ପୁରୀରେ ଛାଡ଼ି ଦେଇଥିଲେ। ସାଧା କାଗଜରେ ହୋଇଥିବା ଦସ୍ତଖତ ଓ ତାଙ୍କ ପୁଅ ନାମରେ ଥିବା ବାଇକ୍‌ର ଅପବ୍ୟବହାର ହେବାର ସମ୍ଭାବନାଥିବା ଦର୍ଶାଇ ଅଭୟ ଘଟଣା ସମ୍ପର୍କରେ ଚନ୍ଦନପୁର ଥାନାରେ ଆଜି ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

ଭାଙ୍ଗ ସର୍‌ବତ୍ ବିକ୍ରି ଅଭିଯୋଗରେ, ବୃଦ୍ଧା ଗିରଫ

ପୁରୀ,୨୧।୯ (ନି.ପ୍ର): ବଳିଆ ପଣ୍ଡା ପୁଲିସ ଜଣେ ବୃଦ୍ଧାଙ୍କୁ ଭାଙ୍ଗ ସରବତ୍ ବିକ୍ରି କରିବା ଅଭିଯୋଗରେ ଗିରଫ କରିଛି ପୁଲିସ୍। ବୃଦ୍ଧା ଜଣକ ହେଲେ ଧବଳେଶ୍ୱର ନଗରର ସୁକାନ୍ତି ବେହେରା। ତାଙ୍କୁ ୬୦ ବର୍ଷ। ତାଙ୍କ ନିକଟରୁ ୫ ଲିଟର ଭାଙ୍ଗ ସର୍‌ବତ୍ ଜବତ କରାଯାଇଛି।

୯ କିଲୋ ୩୫୦ ଗ୍ରାମର ଗଞ୍ଜେ ଜବତ: ଜଣେ ଅଟକ

ବାରିପଦା,୨୧।୯ (ନି.ପ୍ର): ବାରିପଦା ଟାଉନ ଥାନା ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ୯ କିଲୋ ୩୫୦ ଗ୍ରାମର ଗଞ୍ଜେ ଜବତ କରାଯାଇଛି। ବାରିପଦାର ଭଞ୍ଜପୁର ନିକଟବର୍ତ୍ତୀ ରେଳ ଲାଇନ ଉପରେ ଏକ ଗଞ୍ଜାଭର୍ତ୍ତି ବ୍ୟାଗ ଧରି ଯାଉଥିବା ଏକ ଯୁବକକୁ ବାରିପଦା ଟାଉନ ପୋଲିସ ଗିରଫ କରିଛି।ସୂଚନା ଅନୁଯାୟୀ ଆଜି ବିଶ୍ୱସ୍ତ ସୂତ୍ରରୁ ବାରିପଦା ଟାଉନ ଥାନା ଗଞ୍ଜେ ବେପାର ଖବର ପାଇଥିଲା। ଏହାପରେ ଦିନ ପ୍ରାୟ ୧୦ଟା ୩୦ମିନିଟ ବାରିପଦା ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ବିରେନ୍ଦ୍ର ସେନାପତିଙ୍କ ନିର୍ଦ୍ଦେଶକ୍ରମେ ଏସ.ଆଇ. ରନ କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ ଚଢାଉ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏକ ପଲିଥିନ ବ୍ୟାଗରୁ

୯କିଲୋଗ୍ରାମ ୩୫୦ ଗ୍ରାମ ଗଞ୍ଜେ ଜବତ କରାଯାଇଥିଲା। ଏହି ଜବତ ଗଞ୍ଜାର ମୂଲ୍ୟ ପ୍ରାୟ ୬୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି।ଘଟଣାସ୍ଥାନରୁ ଗଞ୍ଜେ ଜବତ କରିବା ସହିତ ଜଣକୁ ଗିରଫ କରାଯାଇଛି। ଗିରଫ ଯୁବକ ଜଣକ ହେଉଛନ୍ତି କୁଳିଅଣା ଥାନା ଅନ୍ତର୍ଗତ ସାନପଲସା ଗ୍ରାମର ଶ୍ୟାମସୁନ୍ଦର ମଢୁଆଳ(୨୬)।ଏନେଇ ବାରିପଦା ଟାଉନ ଥାନାରେ କେସ ନଂ ୬୪୫/୨୦ ଏନ.ଡି.ପି.ଏସ. ଆକ୍ଟରେ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚାଲିଥିବାର ଟାଉନ ଥାନାଧିକାରୀ ବିରେନ୍ଦ୍ର ସେନାପତି ସୂଚନା ପ୍ରଦାନ କରିଛନ୍ତି। ତେବେ ବାରିପଦା ଟାଉନ ଥାନା ପୁଲିସ ପକ୍ଷରୁ ଦୁଇ ଦିନ ପୂର୍ବେ ବେଲଗଡିଆ ଅଂଚଳର ଏକ ଦୋକାନରେ ଚଢ଼ାଉ କରାଯାଇ ୧ କିଲୋ ୫୮ ଗ୍ରାମର ଗଞ୍ଜେ ଜବତ କରାଯିବା ସହିତ କାଶିନାଥ ପଣ୍ଡାଙ୍କୁ ଗିରଫ କରାଯାଇଥିଲା। ତେବେ ଦିନକୁ ଦିନ ଚୋରା ନିଶା କାରବାର ବୃଦ୍ଧି ପାଉଥିବାରୁ ଅପରାଧ ମଧ୍ୟ ବୃଦ୍ଧି ପାଉଛି। ତେଣୁକରି ଏହି ଗଞ୍ଜେ ଚାଲାଣ କାରବାରରେ ରୋକ ଲଗାଇବା ପାଇଁ ବାରିପଦା ଟାଉନ ପୁଲିସ ପକ୍ଷରୁ ତତ୍ପରତାର ସହିତ କାର୍ଯ୍ୟ ଜାରି ରହିଛି।

ପୋଲିସ ତରଫରୁ ମାସ୍କ ଚେକିଙ୍ଗ, ୪ ହଜାର ରୁ ଉର୍ଦ୍ଧ୍ୱ ଟଙ୍କା ଫାଇନ ଆଦାୟ

ଭୁବନ,୨୧।୯ (ନି.ପ୍ର): ଭୁବନରେ କରୋନା ୬୦୦ ରୁ ଅଧିକ ହୋଇଥିବା ବେଳେ ଧିରେଧିରେ ନିୟନ୍ତ୍ରଣକୁ ଆସୁଛି। ସରକାର ଅନଲକ -୪ ଲାଗୁକରିବା ପରେ ଲୋକମାନେ ଖିଆଲି ମନୋଭାବ ନେଇ ବଜାରକୁ ଆସିଲା ବେଳେ ମୁହଁରେ ମାସ୍କ ପିନ୍ଧି ଆସୁନଥିବା ଦେଖିବାକୁ ମିଳୁଛି। ଏଥିସକାଶେ ଭୁବନ ପୋଲିସ ତରଫରୁ ବିଭିନ୍ନ ଛକ ରେ ମାସ୍କ ଚେକିଙ୍ଗ ଚାଲୁରହିଛି। ଆଇଆଇସି ଜିତେନ୍ଦ୍ର କୁମାର ସାହୁ ଆଜି ନିଜେ ଆଇଆରବି ଫୋର୍ସ ଙ୍କ ଗହଣରେ ଚେକିଙ୍ଗ କରି ମାସ୍କ ପିନ୍ଧିନଥିବା ବ୍ୟକ୍ତି ମାନଙ୍କ ଠାରୁ ସମୁଦାୟ ୪ ହଜାର ରୁ ଉର୍ଦ୍ଧ୍ୱ ଟଙ୍କା ଫାଇନ ଆଦାୟ କରାଯାଇଥିବା ଭୁବନ ଥାନା ସୂତ୍ରରୁ ଜଣାପଡିଛି।

ଆଜି ପୁଣି ୧୮୨ ପଜିଟିଭି ଚିହ୍ନଟ

ପୁରୀ,୨୧।୯ (ନି.ପ୍ର): ଆଜିର ୧୮୨ ନୂତନ ପଜିଟିଭଙ୍କୁ ମିଶାଇ ପୁରୀ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮୩୮ରେ ପହଞ୍ଚିଛି। ଚିହ୍ନଟ ନୂତନ ପଜିଟିଭମାନଙ୍କ ମଧ୍ୟରେ ବିଭିନ୍ନ ବ୍ଲକ ଅଞ୍ଚଳରୁ ୧୨୧ ଜଣଙ୍କୁ ଚିହ୍ନଟ କରାଯାଇଥିବାବେଳ ପୁର ପୌରାଞ୍ଚଳରୁ ଚିହ୍ନଟ ହୋଇଛନ୍ତି ୬୧ଜଣ। ଇତି ମଧ୍ୟରେ ପୁରୀ ଜିଲ୍ଲାରେମୋଟ ୮୧,୩୦୪ଜଣଙ୍କ ନମୁନା ପରୀକ୍ଷଣ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୮୩୮୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ପଜିଟିଭଙ୍କ ମଧ୍ୟରୁ ଆଜି ସୁଦ୍ଧା ୬୭୦୬ଜଣ ସୁସ୍ଥ ହୋଇଘରକୁ ଫେରିଥିବା ବେଳେ ୩୭ ଜଣ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୬୪୪ କରୋନା ଆକ୍ରାନ୍ତ ଚିକିତ୍ସାଧିନଥିବାବେଳେ ଜିଲ୍ଲାରେ ଆଜି ସୁଦ୍ଧା ୨୬ ଟି କଣ୍ଟେନମେ ଜୋନ୍ ରହିଛି।

ରାୟଗଡ଼ା ଜିଲ୍ଲା ଅବକାରୀ ବିଭାଗର ଚଢାଉ, ବହୁ ଦେଶୀ ରନ୍ଧାମଦ, ପୋଚ ସହ ରନ୍ଧା ସାମଗ୍ରୀ ଜବତ୍

ରାୟଗଡ,୨୧।୯ (ନି.ପ୍ର): କୋରନା ମହାମରୀ ସମୟରେ ରାୟଗଡ଼ା ଜିଲ୍ଲାରେ ବେଆଇନ ଚୋରା ମଦ କାରବାରକୁ ରୋକିବା ପାଇଁ ରାୟଗଡ ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା ଜିଲ୍ଲା ଅବକାରୀ ବିଭାଗକୁ ଏ ଦିଗରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବା ଫଳରେ ଜିଲ୍ଲା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ଆଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଅବକାରୀ ଥାନା ଅଂଚଳରେ ବିଭାଗୀୟ ଅଧିକାରୀମାନେ ସଦଳବଳ ନେଇ ଗତ ତା ୧୧.୯.୨୦ରିଖ ଠାରୁ ୨୦.୯.୨୦ରିଖ ପର୍ଯ୍ୟନ୍ତ ବ୍ୟାପକ ଚଢାଉ କରି ବିପୁଳ ପରିମାଣର ଦେଶୀ ରନ୍ଧାମଦ,ମହୁଲ ପୋଚ, ସଲଫ ତାଡି ସହ ମଦ ରନ୍ଧା ସାମଗ୍ରୀ ଜବତ ଓ ନଷ୍ଟ କରିଥିବା ବେଳେ ଜିଲ୍ଲାରେ ଚୋରାମଦ କାରବାରକୁ ରୋକିବା ନିମନ୍ତେ ପ୍ରୟାସ ଜାରୀରଖିଛନ୍ତି। ଗତ ୧୧.୯.୨୦ ରିଖ ଦିନ ଗୁଣୁପୁର ଅବକାରୀ ଦଳ ଓ ପୁଟାସିଙ୍ଗ ପୋଲିସ ମିଳିତ ଭାବରେ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ଶ୍ରୀ କୁଶ ଗରଡାଙ୍କ ଉପସ୍ଥିତିରେ ଲବା ଗ୍ରାମରେ ଚଢ଼ାଉ କରି ୯୫୦୦ ଲିଟର ପୋଚ ୫୭୦ଲିଟର ମଦ ଜବତ କରି ନଷ୍ଟ କରିଥିଲେ। ସେହିପରି ଗୁଡାରୀ ଥାନା ଅନ୍ତର୍ଗତ ଟଙ୍ଗାରମା ଗ୍ରାମରେ ଚଢ଼ାଉ କରି ୨୪୦୦ଲିଟର ପୋଚ ଓ ୧୫ଲିଟର ମଦ ଜବତ କରି ନଷ୍ଟ କରିଥିଲେ। ସେହିପରି ଗତ ୧୨.୯.୨୦ରିଖଦିନ ଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗୁମାଗୁଡ଼ି ଓ ମାଝୀଗୁଡ। ଗ୍ରାମରେ ଚଡଉ କରି ୩୫୧୦ଲିଟର ମହୁଲ ପୋଚ ସାଂଗକୁ ୫୧୦ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିଲେ। ରାୟଗଡା ଥାନା ଅନ୍ତର୍ଗତ ବୁଢ଼ାଗୁଡା ଗ୍ରାମରେ ଚଢ଼ାଉ କରି ୯୦୦ଲିଟର ପୋଚ ଓ ୧୦୦ଲିଟର ମଦ ଜବତ କରି ନଷ୍ଟ କରିଥିଲେ। ଗୁଡାରୀ ଥାନା ଅନ୍ତର୍ଗତ ତାମିଲଗୁଡ଼ାରେ ପୋଲିସ ଓ ଅବକାରୀ ଦଳ ସହ ଅତିରିକ୍ତ ତହସିଲଦାର ଶ୍ରୀ କୁଶ ଗରଡ଼ାଙ୍କ ଉପସ୍ଥିତରେ ଚଢ଼ାଉ କରି ୧୮୦୦ଲିଟର ପୋଚ ଓ ୧୬୦ଲିଟର ମଦ ଜବତ କରି ନଷ୍ଟ କରିଥିଲେ। ଗତ ତା.୧୩.୯.୨୦ରିଖ ଦିନ ଶେଷଖାଲ ଥାନା ଅନ୍ତର୍ଗତ ରାଜପୁର୍ ଗ୍ରାମରୁ ୩୦୦ଲିଟର ପୋଚ ଜବତ କରି ନଷ୍ଟ କରିଥିଲେ। ସେହିପରି ଗୁଣୁପୁର ଅବକାରୀ ଉପନିରୀକ୍ଷକ ଓ ଦଳବଳ ଗୁମୁରିଗୁଡା ଗ୍ରାମରେ ଚଡଉ କରି ୨୦୦ଲିଟର ପୋଚ ଏବଂ ୪୦ଲିଟର ଦେଶୀ ରନ୍ଧାମଦ ଜବତ କରିଥିଲେ । ସେହିପରି ଗୁଡାରୀ ଅବକାରୀ ଉପନିରୀକ୍ଷକ ତାଙ୍କ ଦଳବଳ ସହ ପୋଲିସ କର୍ମଚାରୀ ଓ ମାଜିଷ୍ଟ୍ରେଟ ଶ୍ରୀମତି ଭାରତୀ ଦେବୀଙ୍କ ଉପସ୍ଥିତରେ ମିଳିତ ଭାବରେ ସୁନାରପାଲି ଓ ହୁଲାଗୁଡା ଗ୍ରାମରେ ଚଢ଼ାଉ କରି ୧୮୦୦ ଲିଟର ପୋଚ ଓ ୩୦ଲିଟରମଦ ଜବତ କରିଥିଲେ। ସେହିପରି ଗତ ୧୪.୯.୨୦ରିଖ ଦିନ ଶେଷଖାଲ ଥାନା ଅ'ର୍ଗତ ଭେଦୁ ଗ୍ରାମରେ ଚଢ଼ାଉ କରାଯିବା ସହ ୯୦୦ଲିଟର ପୋଚ ଓ ୪୫ଲିଟର ମଦ ଜବତ କରି ନଷ୍ଟ କରିଥିଲେ। ସେହିପରି ଗୁଣୁପୁର ଥାନା ଅନ୍ତର୍ଗତ ରୂପାପାଦୁ ଗ୍ରାମରେ ଚଢ଼ାଉ କରି ୪୫୦ଲିଟର ପୋଚ ଓ ୩୦ଲିଟର ମଦ ସହ ରନ୍ଧା ସାମଗ୍ରୀ ଜବତ କରିବା ସହ ନଷ୍ଟ କରିଥିଲେ । ଗତ ତା ୧୫.୯ ୨୦ ରିଖ ଦିନ ଗୁଡାରୀ

ଥାନା ଅନ୍ତର୍ଗତ ପି ଗୁଡାରୀ ଗ୍ରାମରେ ଚଢ଼ାଉ କରି ୪୧୦ ଲିଟର ପୋଚ ଓ ୧୦ ଲିଟର ମଦ ଜବତ କରି ନଷ୍ଟ କରିଥିଲେ। ସେହିପରି ଗତ ୧୬.୯.୨୦ରଖଦିନ ରାୟଗଡା ଥାନା ଅନ୍ତର୍ଗତ ଟାଲଗୁରୁଟି ଗ୍ରାମରେ ଚଢ଼ାଉ କରି ୧୧୦୦ଲିଟର ପୋଚ ଓ ରନ୍ଧା ସାମଗ୍ରୀ ନଷ୍ଟ କରିଥିଲେ।ସେହିପରି ଗତ ୨୦.୯.୨୦ ରିଖ ଦିନ ରାୟଗଡା ଅବକାରୀ ମୋବାଇଲ ସ୍କୁଆଡ଼ ଖାଡିପାଦୁରେ ଚଢ଼ାଉ କରି ୧୨୦୦ଲିଟର ପୋଚ ଓ ୭୦ଲିଟର ଦେଶୀ ମଦ ଜବତ କରି ମଦରନ୍ଧା ସାମଗ୍ରୀ ସହ ନଷ୍ଟ କରିଥିଲେ। ଜିଲ୍ଲା ଅବକାରୀ ବିଭାଗ ଚଳିତ ମାସ ୧୧ତାରିଖରୁ ଆଜ ତା ୨୦.୯.୨୦ରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଅବକାରୀ ଥାନ ଅଞ୍ଚଳରେ ବ୍ୟାପକ ଚଢ଼ାଉ କରି ବହୁ ପରିମାଣର ପୋଚ ଓ ଦେଶୀମଦ ଜବତ କରି ନଷ୍ଟ କରାଯାଇଥିବା ଖବର ଜିଲ୍ଲା ଅବକାରୀ ଅଧିକାରୀ ଶ୍ରୀ ଦଣ୍ଡପାଣି ବେହେରା ପ୍ରକାଶ କରିଛନ୍ତି।

ଧଳାଜହର କାରବରରେ ରାଜପୁର ଯୁବକକୁ ଟେକିନେଲା ଲାଲ ବାଗ ପୁଲିସ୍

ଜଳେଶ୍ୱର, ୨୧/୯ (ନି.ପ୍ର) : ଧଳା ଜହରର ପେଣ୍ଠସ୍ଥଳୀ ସାଜିଥିବା ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ଗାଁରୁ ଜଣେ ଯୁବକକୁ କଟକ ଜିଲାର ଲାଲ ବାଗ ଥାନା ପୁଲିସ୍ ଟେକି ନେଇଥିବାର ଜଣାଯାଇଛି । ଏକ ପୁରୁଣା ମାମଲା ସଂପର୍କରେ ପଚରା ଉଚରା ଲାଗି ଉକ୍ତ ଯୁବବକୁ ନିଆଯାଇଥିବା ଜଳେଶ୍ୱର ପୁଲିସ୍ ପକ୍ଷରୁ କୁହାଯାଇଛି । ଜଳେଶ୍ୱର ସହର ଏବେ ସମଗ୍ର ରାଜ୍ୟର ଆଲୋଚ୍ୟର ବିଷୟବସ୍ତୁ ସାଜିଛି । କିଛିନା କିଛି ଘଟଣା ଯୋଗୁଁ ଜଳେଶ୍ୱର ଖବରର ସିରୋନାମା ସାଜିଥିବା ବେଳେ ଆଜି ଲାଲ ବାଗ ଥାନା ଓ ଜଳେଶ୍ୱର ଥାନାର ପୁଲିସ୍ ମିଳିତଭାବେ ଚଢାଉ କରି ରାଜପୁରର ସେକ୍ ସାଜୁ ନାମକ ଯୁବକକୁ ନେଇଯାଇଥିବା ଜଣାଯାଇଛି । ଅତୀତର ଏକ ଧଳାଜହର କାରବାରରେ ସେକ୍ ସାଜୁ ସଂପୃକ୍ତ ଥିବାର ଜଣାଯିବାପରେ ଲାଲବାଗ ପୁଲିସ୍ ସେକ୍ ସାଜକୁ ଧରିବା ଲାଗି ଫାସ ବିଛାଇଥିଲା । ଆଜି ସୋମବାର ଦ୍ୱି ପ୍ରହରରେ ସେକ୍ ସାଜକୁ ପୁଲିସ୍ ଧରିବାରେ ସଫଳ ହୋଇଥିଲା । ଏହି ଘଟଣା ନେଇ ଜଳେଶ୍ୱର ଅଂଚଳରେ ଆଲୋଡନ ହୋଇଥିବା ବେଳେ ଏଥିନେଇ ବହୁ କଥା ଶୁଣିବାକୁ ମିଳୁଛି ।

ଭଦ୍ରକରେ ନୂତନ ଆକ୍ରାନ୍ତ ୧୧୪ ଚିହ୍ନଟ

ଭଦ୍ରକ,୨୧।୯(ହି.ସ): ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୧୧୪ଜଣ ଚିହ୍ନଟ ହୋଇଛନ୍ତି। ମୋଟ ୭୨ହଜାର ୫୭୧ଜଣଙ୍କ ନମୁନା ପରୀକ୍ଷା ପରେ ଏବେ ମୋଟ ଆକ୍ରାନ୍ତ ସଂଖ୍ୟା ହୋଇଛି ୪୫୨୩। ଏମାନଙ୍କ ମଧ୍ୟରୁ ସୁସ୍ଥ ହୋଇଛନ୍ତି ୩୭୧୩ଜଣ। ଜିଲ୍ଲାରେ ଏବେ ଆକ୍ଟିଭ କେଶ ୭୯୯ ରହିଛି। ଆଜି ଚିହ୍ନଟ ହୋଇଥିବା ୧୧୪ଜଣଙ୍କ ମଧ୍ୟରେ ବାସୁଦେବପୁର ବ୍ଲକରୁ ୨୩ଜଣ, ବାସୁଦେବପୁର ପୌରପାଳିକାରୁ ୫ଜଣ, ଭଦ୍ରକ ବ୍ଲକରୁ ୧୫ଜଣ, ଭଦ୍ରକ ପୌରପାଳିକାରୁ ୨୨ଜଣ, ବନ୍ତ ବ୍ଲକରୁ ୮ଜଣ, ଭଣ୍ଡାରିପୋଖରୀ ବ୍ଲକରୁ ଜଣେ, ଚାନ୍ଦବାଲି ବ୍ଲକରୁ ୫ଜଣ, ଚାନ୍ଦବାଲି ଏନ୍‌ଏସିରୁ ଜଣେ, ଧାମନଗର ବ୍ଲକରୁ ଜଣେ, ତିହିଡି ବ୍ଲକରୁ ୩୧ଜଣ ଏବଂ ଅନ୍ୟ ଜିଲ୍ଲାରୁ ୨ଜଣ ଚିହ୍ନଟ ହୋଇଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଲଘୁଚାପ ପ୍ରଭାବରେ ବର୍ଷା...

ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ଅର୍ଥାତ୍ ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର ନୂଆପଡ଼ା, ନବରଙ୍ଗପୁର, ବରଗଡ଼, ଝାରସୁଗୁଡ଼ା ଓ ବଲାଙ୍ଗୀର ପ୍ରଭୃତି ୫ଟି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଭୂ-ସ୍ଖଳନ, ଅକସ୍ମାତ୍ ବନ୍ୟା, ତଳିଆ ଅଂଚଳରେ ପାଣି ଜମିଯିବା, କଚା ରାସ୍ତା ଓ ଘର ଭୁଶୁଡ଼ି ପଡ଼ିବାର ଆଶଙ୍କା ଥିବାରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ଏହି ସମୟ ମଧ୍ୟରେ କଳାହାଣ୍ଡି, ମାଲକାନଗିରି, କୋରାପୁଟ, ସୋନପୁର, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଆଦି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ପାଇଁ ଅରେଞ୍ଜ ଏବଂ ରାୟଗଡା, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢ଼ଙ୍କୋନାଳ, ମୟୂରଭଞ୍ଜ, ଯାଜପୁର, ଗଜପତି ଜିଲ୍ଲାରେ ପ୍ରବଳ ବର୍ଷାର ଆଶଙ୍କା ରହିଥିବାରୁ ଏହି ସମସ୍ତ ଜିଲ୍ଲାକୁ ଯେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଏହାସହ ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ଥିବାରୁ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମେଘୁଆ ରହିବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର। ତେବେ ମଙ୍ଗଳବାର ଅପରାହ୍ନ ପରେ ପାଗରେ ପରିବର୍ତ୍ତନ ଘଟିବା ସହ ବର୍ଷାର ପରିମାଣ କମିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ରାଜ୍ୟରେ ଆଉ ୯ ଜଣଙ୍କର....

ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ। କେନ୍ଦୁଝର ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ। ଖୋର୍ଧା ଜିଲ୍ଲାର ଜଣେ ୯

ମଙ୍ଗଳବାର,୨୨ ସେପ୍ଟେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଭାରତ ଓ ମାଳଦୀପ ମଧ୍ୟରେ ଜଳ ପଥରେ ପ୍ରତ୍ୟକ୍ଷ ପଣ୍ୟ ସେବା ଆରମ୍ଭ :ସାମୁହିକ ଦ୍ୱିପାକ୍ଷିକ ସମ୍ପର୍କ ଆଉ ଏକ ମାଇଲଖୁଣ୍ଟ କେନ୍ଦ୍ରମନ୍ତ୍ରୀ ମାଣ୍ଡଭ୍ୟା

ପାରାଦ୍ୱୀପ ତା୨୧/୦୯ ପାରାଦ୍ୱୀପ ଭାରତ ଓ ମାଳଦୀପ ମଧ୍ୟରେ ସାମୁଦ୍ରିକ ପଥରେ ପ୍ରତ୍ୟକ୍ଷ ପଣ୍ୟସେବା ଆଜିଠାରୁ ଆରମ୍ଭ ହୋଇଛି । ଏହି ଅବସରେ ଭାରତ ସରକାରଙ୍କ ରାଜ୍ୟ (ସ୍ୱାଧିନ) ଜାହାଜ ଚଳାଚଳ ମନ୍ତ୍ରୀ ମନସୁଖ୍ ମାଣ୍ଡଭ୍ୟା ଏବଂ ମାଳଦୀପ ବେସାମରିକ ବିମାନ ଚଳାଚଳ ଓ ପରିବହନ ମନ୍ତ୍ରୀ ଐଶାଥ୍ ନହୁଲା 'ଇ' ସେବା ମାଧ୍ୟମରେ ମିଳିତ ଭାବେ ଏହି ସେବାର ସୁଭାରମ୍ଭ କରିଛନ୍ତି । ସୁଭାରମ୍ଭର ପ୍ରଥମ ସାମୁଦ୍ରିକ ପରିବହନ ୨୦୦ ଟିଇୟୁ କ୍ଷମତା ବିଶିଷ୍ଟ ଏକ ଜାହାଜ ୩ହଜାର ମେଟିକ୍ ଟନ୍ ଷ୍ଟ୍ରାପ ପଣ୍ୟ କୋଚିନ୍‌ର ଟୁଟିକୋରିନ୍ ରୁ କୋଚି ବନ୍ଦର ଅଭିମୁଖେ ଯାତ୍ରା କରିଛି । ଯେଉଁଠାରୁ ଦକ୍ଷିଣ ମାଳଦୀପର କୁହୁଧୂଫୁଣି ଏବଂ ଏହା ପରେ ମେଲ ବନ୍ଦରରେ ଏହି ଜାହାଜ ପହଞ୍ଚିବ । ମାସକୁ ଦୁଇଥର ଏପରି ପଣ୍ୟସେବା ଚାଲିବ ଏବଂ ଏହା ସିପିଜ୍ କର୍ପୋରେସନ ଦ୍ୱାରା ପରିଚାଳିତ ହେବ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ମାଣ୍ଡଭ୍ୟା କହିଛନ୍ତି ଯେ ଏହି ସେବା ଦ୍ୱିପାକ୍ଷିକ ବାଣିଜ୍ୟକ ସମ୍ପର୍କରେ ଆଉ ଏକ ମାଇଲଷ୍ଟୋନ୍ ସ୍ଥାପନ କରିପାରିଛି । ପ୍ରତ୍ୟକ୍ଷ ପଣ୍ୟ ସେବା ବ୍ୟତୀତ ଦୁଇଦେଶ ମଧ୍ୟରେ ଦୃଢ ବନ୍ଧୁତ୍ୱ ସମେତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ କରି ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ ଶ୍ରୀ ମାଣ୍ଡଭ୍ୟା । ତେବେ ଗତ ବର୍ଷ ଜୁନ୍ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାଳଦୀପ ଗସ୍ତରେ ଏହି

ଦ୍ୱିପାକ୍ଷିକ ସମ୍ପର୍କ ଦୃଢିଭୂତ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ମାଣ୍ଡଭ୍ୟା କହିଥିବା ପାରାଦ୍ୱୀପ ବନ୍ଦର ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।

ନିଜସ୍ୱ ଅର୍ଥରେ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ : ଆଜି ଉଦ୍‌ଘାଟନ ଉତ୍ସବ

ଜଳେଶ୍ୱର, ୨୧/୯ (ନି.ପ୍ର) : ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ଏକ ସହର ତଳି ଅଂଚଳକୁ ରାସ୍ତା ନ ଥିବା ବେଳେ ଏବଂ ଅଂଚଳବାସୀଙ୍କ ନିବେଦନ ଓ ଦାବୀ ଫସର ଫାଟିଲା ପରେ ନିଜ ଅର୍ଥ ଓ ଶ୍ରମରେ ନିର୍ମାଣ ହୋଇଛି ଏକ କିଲୋମିଟରର ରାସ୍ତା । ଘଟଣାରୁ ପ୍ରକାଶ ଜଳେଶ୍ୱର ମ୍ୟୁନିସିପାଲଟିର ୫ନଂ ୱାର୍ଡ ରେଳ ଷ୍ଟେସନର ମାଲଗୋଦାମ ପାଖ ସେକ୍‌ବାର୍ଡର କେତେକ ଅଂଚଳକୁ ନେଇ ୪୦ବର୍ଷ ପୂର୍ବେ ଗଢି ଉଠିଛି ଏକ ନୂତନ ଜନବସତି । ଏଥିରେ ପ୍ରାୟ ୧୦୦ ପରିବାର ବାସ କରିଆସୁଛନ୍ତି । ମାତ୍ରଉକ୍ତ ସାହିକୁ କୌଣସି ସର୍ବସାଧାରଣ ରାସ୍ତା ନ ଥିବାରୁ ଗ୍ରାମବାସୀମାନେ ବିଭିନ୍ନ ସମୟରେ ଜିଲାପାଳ, ତହସିଲଦାର, ଡିଆର୍‌ଏମ୍, ଜନପ୍ରତିନିଧି ଏବଂ ମ୍ୟୁନିସିପାଲଟିରେ ବାରମ୍ବାର ଦାବି ଓ ଅନୁରୋଧ କରି ଆସୁଥିଲେ ମଧ୍ୟ ଅଦ୍ୟାବଧି କେହି କର୍ଣ୍ଣପାତ କରିନାହାନ୍ତି । ଗତ ମାର୍ଚ୍ଚ ମାସରୁ ଲକ୍ ଡାଉନ୍ ଓ ସଟ୍ ଡାଉନ ସହିତ କରୋନା ସଂକ୍ରମଣ

ଯୋଗୁଁ ରେଳ ଯାତାୟତ ବନ୍ଦ ହୋଇଥିବାରୁ ଏହି ପରିବାର ବର୍ଗ ରେଳ ଷ୍ଟେସନରୁ ୪ନଂ ପ୍ଲାଟଫର୍ମ ଦେଇ ନିଜ ଘରକୁ ଆସୁଥାନ୍ତି । କିନ୍ତୁ ରେଳବାଇ ନିଜ ସ୍ଥାନକୁ ବାଡ କରିଦେବାପରେ ଗ୍ରାମବାସୀମାନେ ଫଂକିଳ ହିତ ରାସ୍ତାରେ ଯାତାୟାତ କରି ଆସୁଥିଲେ । ଶେଷରେ ସେମାନେ ଆର୍ଥୀକ ସହାୟତା ଦେଇ ୪ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି କିଣିବା ପରେ ଅନ୍ୟ କେତେକ ବ୍ୟକ୍ତି ଜମିଦାନ କରିବାରୁ ନିଜ ଉଦ୍ୟମରେ, ନିଜ ଶ୍ରମରେ ରାସ୍ତା ନିର୍ମାଣ କରିଛନ୍ତି । ଏହି ଅସ୍ଥାୟୀ ରାସ୍ତା ନିର୍ମାଣର ଶୁଭାରମ୍ଭ ଆରୋମା ଦେଓ୍ୱର କରିଥିବା ବେଳେ ଆଜି ଗ୍ରାମ୍ୟ ମୁଖ୍ୟ ଗଣେଶ ଚନ୍ଦ୍ର ଜେନା ଉଦ୍‌ଘାଟନ କରିଛନ୍ତି । ଏହି ରାସ୍ତାର ନାମ ମାଲଗୋଦାମ-ସୁଗମପଥ ନାମରେ ନାମିତ କରାଯାଇଛି । ଗଠିତ କମିଟିର ସଭାପତି ଗୋପିନାଥ ବେହେରା, ସଂପାଦକ ହରେନ୍ଦ୍ର ବେହେରା, ଯୁଗ୍ମ ସଂପାଦକ ରମାକାନ୍ତ ବେହେରା, ଚିତ୍ତରଂଜନ ବେହେରା, ଏମ୍ ଗମୁ, କେ ସାରଥି, କାର୍ତ୍ତିଚନ୍ଦ୍ର ସାହୁ, ବାୟା ମାନ୍ନା, ସେକ୍ ହାପୁ, ମନୋରଂଜନ ଜେନା, ସେକ୍ ଲାଲୁ, ରତିକାନ୍ତ ଭୂୟାଁ, ହରିହର ଭୂୟାଁ, ସତ୍ୟସିବ ଭୂୟାଁ, ସେକ୍ ରାଜୁ, ଇସନ୍ ଖାଁ, କାହ୍ନୁ ବେହେରା ପ୍ରମୁଖ ଆଜି ନିକଟସ୍ଥ ଫଂକେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ରାସ୍ତାକୁ ଲୋକାର୍ପିତ କରିଥିଲେ ।

ଏମକେସିଜି ମେଡ଼ିକାଲ କଲେଜ ଡ଼ିନ୍ କରୋନା ପଜିଟିଭ୍ ଚିହ୍ନଟ

ଗଞ୍ଜାମ,୨୧।୯ (ନି.ପ୍ର): ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏମକେସିଜି)ର ଡ଼ିନ୍ ତଥା ଅଧ୍ୟକ୍ଷା ଡ଼ା. ଦୀପ୍ତିମୟୀ ତ୍ରିପାଠୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି । ସେ ବିଭିନ୍ନ କୋଭିଡ୍ ଡ୍ୟୁଟିରେ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ ।

ଛେଳି ଉଦ୍ଧାର କରିବାକୁ ଯାଇ ମଝି ନଦୀରେ ଫସିଲେ ଦୁଇ ଯୁବକ

ବାରିପଦା,୨୧।୯ (ନି.ପ୍ର):ଛେଳି ଚରାଇବାକୁ ଯାଇଥିବା ଦୁଇ ଯୁବକ ଛେଳି ଉଦ୍ଧାର କରିବାକୁ ଯାଇ ମଝି ନଦୀରେ ଫସିରହିଲେ । ଏହିଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ବାଙ୍ଗିରିପୋଷି କଲେଜ ନିକଟସ୍ଥ ବୁଢ଼ାବଳଙ୍ଗ ନଦୀ କାଳିଆମୀ ପୋଲ ନିକଟରେ । ଦୁଇ ଜଣ ଯୁବକ ପୋଲ ନିକଟରେ ଛେଳି ଚରାଇବାକୁ ଯାଇଥିଲେ ।ହଠାତ ସେହି ସମୟରେ ନଦୀର ଉପର ମୁଣ୍ଡରେ ବର୍ଷା ଯୋଗୁଁ ପ୍ରବାହିତ ହୋଇଥିବା ବୁଢ଼ାବଳଙ୍ଗ ନଦୀରେ ପାଣି ବଢି ଯାଇଥିଲା । ଯାହା ଫଳରେ ଯୁବକ ଛେଳି ସହ ନଦୀ ଭିତରୁ ବାହାରି ପାରିନଥିଲେ । ବୁଢ଼ାବଳଙ୍ଗ ନଦୀ ମଝିରେ ଏକ

ପଥରରେ ଦୁଇ ଛେଳି ଫସି ଯାଇଥିବା ବେଳେ ଛେଳିକୁ ଉଦ୍ଧାର କରିବାକୁ ଯାଇ ଚାଉଳିଘରି ଅଞ୍ଚଳର ଦୁଇ ଜଣ ଯୁବକ ନଦୀ ମଝିକୁ ଯାଇଥିଲେ । ତେବେ ସେମାନେ ମଧ୍ୟ ସେଠାରେ ଫସିରହିଥିବା ଦେଖିବାକୁ ମିଳିଥିଲା । ତେବେ ସ୍ଥାନୀୟ ଲୋକ ଏହାକୁ ଦେଖି ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ ।ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଅଗ୍ନିଶମ ବିଭାଗ ପହଁଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ପାଣି କମିବାରୁ ଯୁବକ ଦୁଇଜଣ ନିଜେ ଫଂହରି କୂଳକୁ ଆସିଥିଲେ ।

ମୟୂରଭଞ୍ଜରୁ ନୂଆ ୧୭୧ ପଜିଟିଭ ଚିହ୍ନଟ ଓ ୧ ଜଣେ ୭୪ ବର୍ଷ ବୃଦ୍ଧ ମୃତ : ଆକ୍ରାନ୍ତ ସଂଖ୍ୟା ୬ ହଜାର ୭୫୯ କୁ ବୃଦ୍ଧି

ଚଳିତ ସେପ୍ଟେମ୍ବରରେ ବାରିପଦା ପୌରପରିଷଦରେ ଆକ୍ରାନ୍ତ ସଖ୍ୟା ୮୦୫ରେ ପହଁଚିଛି

ବାରିପଦା,୨୧।୯ (ନି.ପ୍ର): ଆଜି ମୟୂରଭଞ୍ଜ ଜିଲ୍ଲାରେ ସ୍ଥାନୀୟ ସଂସ୍ପର୍ଶରୁ ୧୬୭ ଏବଂ ଭୁବନେଶ୍ୱର ଓ କଟକଠାରେ ଜିଲ୍ଲାରୁ ଚିହ୍ନଟ ହୋଇଥିବା ୪ ଜଣଙ୍କୁ ମିଶାଇ ମୋଟ ୧୭୧ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ଏବଂ ଆକ୍ରାନ୍ତମାନଙ୍କ ସଂଖ୍ୟା ୬ ହଜାର ୭୫୯କୁ ବୃଦ୍ଧି ପାଇଛି । ତେବେ ଜିଲ୍ଲାରେ ଆଜି ବାରିପଦା ପୌରପରିଷଦରୁ ମଧ୍ୟ ସର୍ବାଧିକ ୩୯ ଜଣ କରୋନା ସଂକ୍ରମିତ ହୋଇଛନ୍ତି । ଚଳିତ ସେପ୍ଟେମ୍ବର ମାସରେ ବାରିପଦା ପୌରପରିଷଦରେ ଆକ୍ରାନ୍ତମାନଙ୍କ ସଂଖ୍ୟା ୮୦୫ରେ ପହଁଚିଛି । ସେହିପରି ବାରିପଦା ବ୍ଲକରୁ ୨, ବଡ଼ସାହି ବ୍ଲକରୁ ୧୧ , ବହଳଦାରୁ ୩, ବାଙ୍ଗିରିପୋଷିରୁ ୧, ବେତନଟୀରୁ ୧, ବିଶୋଇରୁ ୪, ଗୋପବନ୍ଧୁନଗରରୁ ୧୨, ଯଶୀପୁରରୁ ୭, କପ୍ତିପଦାରୁ ୫, କରଞ୍ଜିଆ ବ୍ଲକରୁ ୬, କରଞ୍ଜିଆ ଏନଏସିରୁ ୬, ଖୁଂଟା ବ୍ଲକରୁ ୨, କୁଳିଅଣା ବ୍ଲକରୁ ୧, ମୋରଡ଼ା ୫, ରାଇରଙ୍ଗପୁର ବ୍ଲକରୁ ୬, ରାଇରଙ୍ଗପୁର ପୌରପରିଷଦରୁ ୨, ରରୁଆଁରୁ ୫, ରାସଗୋବିନ୍ଦପୁର ୪, ଶାମାଖୁଂଟାରୁ ୭, ଶୁକୃଳିରୁ ୪, ଶୁଳିଆପଦାରୁ ୨୨, ଠାକୁରମୁଣ୍ଡାରୁ ୯ ଓ ତିନି ବ୍ଲକରୁ ୩ ଜଣେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବାର ଜଣାପଡ଼ିଛି । ଆକ୍ରାନ୍ତମାନଙ୍କ ମଧ୍ୟରୁ କୌଣସି ଲକ୍ଷଣ ନଥିବା ଓ ସ୍ୱଳ୍ପ ଲକ୍ଷଣ ଥିବା ବ୍ୟକ୍ତିମାନଙ୍କୁ କେତେକ ନିଜ ଘରେ ହୋମ ଆଇସୋଲେସନରେ ରହିଥିବା ବେଳେ ଅନ୍ୟ କେତେକଙ୍କ ସହ କ୍ରିଟିକାଲ ସଂକ୍ରମିତମାନଙ୍କୁ କୋଭିଡ଼ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତି କରାଯାଇଛି । ଏଥିସହିତ ସେପ୍ଟେମ୍ବର ୨୦ ସୁଦ୍ଧା ଜିଲ୍ଲାରେ ସୁସ୍ଥ ସଂଖ୍ୟା ୫ ହଜାର ୩୭୮ ଓ ୨୧ ପର୍ଯ୍ୟନ୍ତ ସକ୍ରିୟ ସଂଖ୍ୟା ୧ ହଜାର ୩୬୩ ରହିଛି । ସେହିପରି ଆଜି ଜିଲ୍ଲାରୁ ଜଣେ ଚିକିତ୍ସାଧୀନ ୭୪ ବର୍ଷ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୧୮ କୁ ବୃଦ୍ଧି ପାଇଛି ।

ଦିନକରେ ଚିହ୍ନଟ ୧୫୫ କରୋନା ପଜିଟିଭ୍ : ୬୩୪୩କୁ ବୃଦ୍ଧି ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୨୧।୯ (ନି.ପ୍ର): ବଢୁଥିବା କରୋନା ସଂକ୍ରମଣ ସମଗ୍ର ଦେଶ ପାଇଁ ଉଦ୍‌ବେଗର ବିଷୟ ହୋଇଛି । ବିଶେଷଜ୍ଞଙ୍କ ସୂଚନା ଅନୁସାରେ ଆସନ୍ତା ଅକ୍ଟୋବର ମାସରେ ସଂକ୍ରମଣ ହାର ଶୀର୍ଷରେ ପହଞ୍ଚିବା ପରେ କ୍ରମହ୍ରାସମାନ ଅବସ୍ଥାରେ ଏହା କମିବ ବୋଲି ଜଣାପଡ଼ିଛି । ତେବେ ସରକାରଙ୍କ ପକ୍ଷରୁ ବାରମ୍ବାର ସଚେତନତା ସୃଷ୍ଟି ସାଙ୍ଗକୁ ସାମାଜିକ ଦୂରତା ରକ୍ଷା ପାଇଁ କୁହାଯାଉଥିଲେ ବି ସାଧାରଣ ଲୋକେ ଏହାକୁ ଗୁରୁତ୍ୱ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ହୋଇଛି । ଦେଶର ସଂକ୍ରମିତଙ୍କ ସଂଖ୍ୟା ୫୫ ଲକ୍ଷରେ ପହଞ୍ଚିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୮୮ ହଜାର ଅତିକ୍ରମ କରିବାକୁ ବସିଛି । ସେହିଭଳି ଓଡ଼ିଶାରେ ଦୈନିକ ୪ ହଜାର ଉପରେ ସଂକ୍ରମିତ ଚିହ୍ନଟ ହୋଇ ଚାଲିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ଧିରେ ଧିରେ ବଢ଼ିବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ୪୨୪୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟର ଆଜି ସୁଦ୍ଧା କରୋନା ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୮୪ହଜାର୧୨୨ରେ ପହଞ୍ଚିଛି । ଅନ୍ୟପକ୍ଷରେ ଆଜି ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୭୧୦ ଛୁଇଁଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି । ଆଜି ଗୋଟିଏ ଦିନରେ ୧୫୫ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୬୩୪୩ରେ ପହଞ୍ଚିଛି । ଆଜିସୁଦ୍ଧା ଜିଲ୍ଲାରେ ୪୯୨୧ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୪୦୦ ଜଣ ଆକ୍ରାନ୍ତ ଏବେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଆଜି ଜଣେ କରୋନା ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୭ରେ ପହଞ୍ଚିଛି । ତେବେ ବ୍ଲକ ତୁଳନାରେ ବାଲେଶ୍ୱର ପୌରାଞ୍ଚଳରେ ବଢୁଥିବା ସଂକ୍ରମିତଙ୍କ ସଂଖ୍ୟା ସମସ୍ତଙ୍କ ଚିନ୍ତା ବଢ଼ାଇଛି । ସେହିଭଳି ଜିଲ୍ଲାର ଗୋଟିଏ ଗୋଟିଏ ଅଞ୍ଚଳରେ ଏକକାଳୀନ ଅଧିକ ସଂଖ୍ୟକ ପଜିଟିଭ ଚିହ୍ନଟ ହେବା ସ୍ଥାନୀୟ ସଂକ୍ରମଣକୁ ସଙ୍ଗୀନ ସ୍ଥିତିରେ ପଞ୍ଚାଇବାର ଆଶଙ୍କା ସୃଷ୍ଟି କରିଛି ।

ହନୁମନ୍ତପୁରୁରେ ଏକ ଘରେ ବିଦ୍ୟୁତ୍ ବୋର୍ଡରୁ ନିଆଁ ବାହାରୀ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ, ଜଣେ ଗୁରୁତର

ଗୁଣୁପୁର,୨୧।୯ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ଚନ୍ଦ୍ରପୁରୁ ବ୍ଲକ ହନୁମନ୍ତପୁରୁ ପଞ୍ଚାୟତ ସଦର ମହକୁମାରେ ଆଜି ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ନିରନ ମୁଗୁଲି ଙ୍କ ଘରେ ଇଲେକ୍ଟ୍ରି ବୋର୍ଡରୁ ନିଆଁ ବାହାରୀ ଲକ୍ଷାଧିକ ଟଙ୍କାର, ସମ୍ପତ୍ତି ନଷ୍ଟ ହେବା ସହ ସ୍ୱାମି ସ୍ତ୍ରୀ ଦୁଇଜଣ ଗୁରୁତର ଅବସ୍ଥାରେ ସ୍ଥାନୀୟ ଘରୋଇ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି । ଏଭଳି ଅଭାବନୀୟ ଘଟଣା ପାଇଁ ଗ୍ରାମବାସୀ ସମେତ ଦୁଃଖ ପ୍ରକାଶ କରିଛନ୍ତି । ସୂଚନା ମୁତାବକ ହନୁମନ୍ତପୁରୁ ମେନ୍ ରୋଡ କଡରେ ନିରନ ମୁଗୁଲି କପଡା ଓ ଟେଲର ଦୋକାନ କରିବା ସହ ନିଜର ପରିବାର ସହିତ ସେହି ଘରେ ରହୁଥିଲେ । ଆଜି ପ୍ରାୟ ପୂର୍ବାହ୍ନ ୧୧ ଘଟିକା ସମୟରେ ମୁଗୁଲି ଟେଲର କାମ କରୁଥିବା ବେଳେ ଇଲେକ୍ଟ୍ରି ବୋର୍ଡରୁ ନିଆ କେତେବେଳେ ବାହାରୀ କପଡା ଆଦି ଜଳିବା ସହିତ ବିକ୍ରି ପାଇଁ ଥିବା ପେଟ୍ରୋଲରେ ନିଆ ଲାଗି ଜଳିବାରୁ ଧୂଆଁ ବାହାରି ଦେଖି

ନିରନ ଲୋକମାନଙ୍କୁ ଡାକ ପକାଇଥିଲେ, କିଛି ଯୁବକ ସାହାସର ସହିତ ସବଷ୍ଟେସନରୁ ଲାଇନକୁ କାଟିଦେଇଥିଲେ । ଲୋକମାନଙ୍କ ସହ ଶ୍ରୀ ମୁଗୁଲି ଓ ତାଙ୍କ ସ୍ତ୍ରୀ ସୁବାସୀନୀ ପୋଡିଯାଉଥିବା ଆସବାବ ପତ୍ର ବୋହିବାଭିତରେ ନିରନଙ୍କ ଗୋଡ ଓ ସ୍ତ୍ରୀଙ୍କ ଶରୀରରେ କିଛି ପୋଡିଯାଇଛି । ଏତଦ୍ ବ୍ୟତୀତ ଟେଲର ମେସିନ୍, ଟିଭି, ଫ୍ରୀଜ୍, କୁଲର, ପେଟ୍ରୋଲ, ଡିଜେଲ ଆଦି ପୋଡିଯାଇ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି । ଖବରପାଇ ସରପଞ୍ଚ କାଉମୁନୀ ଶବର ଘଟଣା ସ୍ଥଳରେ ପହଞ୍ଚି ଦୁଃଖ ପ୍ରକାଶ କରିବା ସହ ପଞ୍ଚାୟତ ତରଫରୁ ଯଥା ସମ୍ଭବ ସାହାଯ୍ୟ କରିବା ସହ ଉଚ୍ଚଅଧିକାରୀଙ୍କ ଦୃଷ୍ଟି ଗୋଚରକୁ ଆଣି ଅଧିକ ସହାୟତା ପାଇଁ ଚେଷ୍ଟା କରିବାକୁ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ । ରାଜସ୍ୱ ନିରୀକ୍ଷକ ଶ୍ରୀ ବାପୁନୁ ବେହେରା ଘଟଣା ସ୍ଥଳରେ ପହଞ୍ଚି ପୋଡିଯାଇଥିବା ସମ୍ପର୍କରେ ବିଷଦବିବରଣୀ ଚନ୍ଦ୍ରପୁରୁ ତହସିଲଦାରଙ୍କ ନିକଟରେ ଦାଖଲ କରିନ୍ତି । କିନ୍ତୁ ବିଡିଓ ଓ ବିଦ୍ୟୁତ୍ ବିଭାଗର କୌଣସି କର୍ମଚାରୀଙ୍କ ଦେଖା ନ ଥିବାରୁ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ ।

ଆସନ୍ତାକାଲି ପୃଷ୍ଟି ପଟଣା ଉପ୍ରା ବିଦ୍ୟାଳୟରେ ସ୍ୱାବ ଟେଷ୍ଟ ହେବ

ଭୁବନ,୨୧।୯ (ନି.ପ୍ର): ଭୁବନ ଏନଏସିରେ କରୋନା ପଜିଟିଭ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇ ପାଖାପାଖି ୬୦୦ ରେ ପହଁଚିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ସକାଶେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା କାଲି ଶୁକ୍ରବାର ପୃଷ୍ଟି ପଟଣା ଉପ୍ରା ବିଦ୍ୟାଳୟ ଠାରେ ସକାଳ ୧୦ ଘଟିକା ସମୟରେ ମେଗା ସ୍ୱାବ ଟେଷ୍ଟ ର ଆୟୋଜନ କରାଯାଇଛି । ଲୋକମାନେ ନିଜର ସ୍ୱାସ୍ଥ୍ୟରକ୍ଷା ଓ ସୁରକ୍ଷା ପାଇଁ ସ୍ୱତଃପ୍ରବୃତ ଭାବେ ବହୁ ସଂଖ୍ୟାରେ ଯୋଗଦେଇ ନିଜର ସ୍ୱାବ ଟେଷ୍ଟ କରିବାକୁ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ନିବେଦନ କରିଛନ୍ତି ।

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଡାଲି, ଖାଇବା ତେଲ ଓ ଲୁଣକୁ ଅନ୍ତର୍ଭୁକ୍ତ କରିବାକୁ ଜନଜାଗୃତି ମଂଚର ଦାବୀ

ଉଦଳା ତା୨୧/୦୯(ନି.ପ୍ର.) - ଓଡ଼ିଶା ଶ୍ରମଜୀବୀ ମଂଚ ଏବଂ ମହିଳା ଶ୍ରମଜୀବୀ ମଂଚ ଭୁବନେଶ୍ୱରର ନିର୍ଦ୍ଦେଶରେ ପରିଚାଳିତ ମୟୂରଭଂଜ ଜିଲ୍ଲାରେ କାର୍ଯ୍ୟରତ ଲୋକସଂଗଠନ "ଜନଜାଗୃତି ମଂଚ" ତରଫରୁ ଆଜି ସେପ୍ଟେମ୍ବର ୨୧ ତାରିଖ ସୋମବାର ଠାରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଡାଲି, ଖାଇବା ତେଲ ଓ ଲୁଣକୁ ଅନ୍ତର୍ଭୁକ୍ତ କରିବା ପାଇଁ ଦାବୀପତ୍ର ସଂଗ୍ରହର ପର୍ବ ଆରମ୍ଭ ହୋଇଛି । ପୂର୍ବରୁ ସରକାର ଏହି ଯୋଜନାରେ ଗରିବ ଲୋକଙ୍କୁ କେବଳ ଚାଉଳ ଓ ଗହମ ଯୋଗାଇ ଦେଉଛନ୍ତି । କୋରନା ସମୟରେ କିଛି ଦିନ ପାଇଁ ଡାଲି ମଧ୍ୟ ଯୋଗାଇ ଦିଆଯାଉଥିଲା । ତେବେ ଡାଲି, ଆଉ କିଛି ଦିନ ପରେ ବନ୍ଦ କରିଦିଆଯିବ ବୋଲି ଶୁଣିବାକୁ ମିଳୁଛି । ଗରିବ ଲୋକଙ୍କ ପରିବାରରେ ବଢୁଥିବା ଛୋଟ ପିଲା ଅନେକ ସମୟରେ ଅପପୁଷ୍ଟିର ଶିକାର ହେଉଥିବାର କଥା ପୂର୍ବରୁ

ଜନଜାଗୃତି ମଂଚ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସରକାରଙ୍କ ନଜରକୁ ଆଣିଛନ୍ତି । ଗଣମାଧ